ଧରିତ୍ରୀ
DHARITRI
June 8-14, 2025 ₹ 2/-

ଧରିତ୍ରୀ DHARITRI 51 Years

# ଛୁଟିଦିନ



## ଅଳତା

କୁଆଁରୀ ଝିଅଙ୍କ ରଜ ସଜବାଜ
ଯାହା ବିନା ପୂରା ହୁଏନା। ଆଉ
ନାରୀ ଶୃଙ୍ଗାର ; ଯାହା ବିନା ଅଧା।
ସେ ଅଳତା ! ଅଳତାର ନାଲିରଙ୍ଗ
କେବଳ ଆକର୍ଷଣୀୟ
ନୁହେଁ, ଏହା ଆମ ପୂଜା
ପରମ୍ପରାର
ବି ଏକ ଅଂଶ...

୩
ପ୍ରଚ୍ଛଦ ପ୍ରସଙ୍ଗ

# କ'ଣ କହେ ବେଡ୍‌ରୁମ୍‌ର ରଙ୍ଗ

**ବାସ୍ତୁଶାସ୍ତ୍ର ଅନୁଯାୟୀ, ବେଡ୍‌ରୁମ୍‌ର ରଙ୍ଗ ବି ବ୍ୟକ୍ତିଙ୍କର ବ୍ୟକ୍ତିତ୍ୱ ଓ ମାନସିକତା ଉପରେ ଅନେକ ପ୍ରଭାବ ପକାଇଥାଏ। ଯେମିତିକି:**



* ଧଳା ରଙ୍ଗକୁ ବାସ୍ତୁଶାସ୍ତ୍ରରେ ଶାନ୍ତି ଓ ପବିତ୍ରତାର ପ୍ରତୀକ ବୋଲି କୁହାଯାଏ। ବେଡ୍‌ରୁମ୍‌ର ରଙ୍ଗ ଧଳା ରହିଲେ, ମନ ଭିତରେ ଏକ ସକରାତ୍ମକ ଭାବ ସୃଷ୍ଟି ହୋଇଥାଏ।

* ବେଡ୍‌ରୁମ୍‌ର ରଙ୍ଗ ହାଲ୍‌କା ନୀଳ ଥିଲେ, ମନକୁ ବେଶ୍ ଶାନ୍ତି ମିଳେ। ବାସ୍ତୁଶାସ୍ତ୍ରରେ, ଏହି ରଙ୍ଗକୁ ସୁଖ ଓ ଆରାମର ପ୍ରତୀକ ବୋଲି କୁହାଯାଏ।

* ହାଲ୍‌କା ସବୁଜ ରଙ୍ଗକୁ ବି ବାସ୍ତୁଶାସ୍ତ୍ରରେ ଆରାମଦାୟକ ରଙ୍ଗ ବୋଲି କୁହାଯାଏ। ବୃଦ୍ଧାବୃଦ୍ଧ, ରୋଗଗ୍ରସ୍ତ ବ୍ୟକ୍ତିଙ୍କ ବେଡ୍‌ରୁମ୍‌ରେ ଏହି ରଙ୍ଗ ପ୍ରୟୋଗ କରିବା ଉତ୍ତମ ହୋଇଥାଏ। ଯଦି ବେଡ୍‌ରୁମ୍‌ର ରଙ୍ଗ ସବୁଜ କରିବା ସମ୍ଭବ ହେଉନାହିଁ, ସେ କ୍ଷେତ୍ରରେ ସବୁଜ ରଙ୍ଗର ଫର୍ନିଚର/ଡୋର୍ ସ୍କ୍ରିନ୍/ଇଣ୍ଡୋର ପ୍ଲାଣ୍ଟ ବି ରଖିପାରିବେ।

* ବାସ୍ତୁଶାସ୍ତ୍ରରେ ହଳଦିଆ ରଙ୍ଗକୁ ସନ୍ତୋଷ ତଥା ପ୍ରସନ୍ନତାର ପ୍ରତୀକ ଭାବେ ବିବେଚନା କରାଯାଏ। ପତିପତ୍ନୀଙ୍କ ବେଡ୍‌ରୁମ୍‌ରେ ଏହି ରଙ୍ଗ ଲଗାଇବା ସବୁଠୁ ଉତ୍ତମ ହୋଇଥାଏ।

* ବେଡ୍‌ରୁମ୍‌ର ରଙ୍ଗ ହାଲ୍‌କା ଗୋଲାପୀ ରହିଲେ, ରୋମାଣ୍ଟିକ୍ ପରିବେଶ ମିଳେ।

* ବାସ୍ତୁଶାସ୍ତ୍ର କହେ, ମହତ୍ତ୍ୱାକାଂକ୍ଷୀ ଲୋକଙ୍କ ବେଡ୍‌ରୁମ୍‌ର ଦକ୍ଷିଣ କାନ୍ଥରେ ନାରଙ୍ଗୀ ରଙ୍ଗ ଲାଗିବା ଶୁଭ। ଏହା ସେମାନଙ୍କ ଭିତରେ ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ। କିନ୍ତୁ କ୍ରୋଧୀ ସ୍ୱଭାବର ବ୍ୟକ୍ତିଙ୍କ ପାଇଁ ଏହି ରଙ୍ଗ ବାରଣ।

* ପିଲାଙ୍କ ବେଡ୍‌ରୁମ୍‌ର ରଙ୍ଗ ଇଣ୍ଡୋଗୋ ରହିବା ଶୁଭ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ଏହା ସେମାନଙ୍କ ଭିତରେ ବୌଦ୍ଧିକ ଓ ଆଧ୍ୟାତ୍ମିକ ଭାବନା ବୃଦ୍ଧି କରେ ବୋଲି ବିଶ୍ୱାସ କରାଯାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ୍ ୮-୧୪, ୨୦୨୫

**ମେଷ**

ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ପଦାଧିକାରୀଙ୍କ ପ୍ରଶଂସା, ସହକର୍ମୀଙ୍କ ସହାନୁଭୂତି, ଆର୍ଥିକ ଦୂରବସ୍ଥା, କରଜ କରିପାରନ୍ତି, ରଚନାତ୍ମକ କାର୍ଯ୍ୟାରମ୍ଭ, ବ୍ୟବସାୟିକ ଉତ୍କର୍ଷତା, ସତ୍‌ସଙ୍ଗର ସୁଯୋଗ ॥

**ବୃଷ**

ଆର୍ଥିକ ଅନଟନ, ମାନସିକ ବ୍ୟଥା, କାମକୁ ନେଇ ଦ୍ୱନ୍ଦ୍ୱ, ପରିସ୍ଥିତି ବଦଳିଯିବ, ଖର୍ଚ୍ଚ ବୃଦ୍ଧି ପାଇବ, ପଡୋଶୀ ସହ ବିବାଦ, ବନ୍ଧୁଙ୍କ ମଧ୍ୟସ୍ଥତା, ପାରିବାରିକ ତିକ୍ତତା, ସମସ୍ୟା ସମାଧାନ, ଆର୍ଥିକ ଉନ୍ନତି, ଭ୍ରାତୃ ବିବାଦ ॥

**ମିଥୁନ**

ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଅର୍ଥାଭାବରୁ ଦୁଃଶ୍ଚିନ୍ତା, କାମ ଅସମ୍ପୂର୍ଣ୍ଣ ରହିଯିବ, ସନ୍ତାନ ହେତୁକ ପୀଡା, ପାରିବାରିକ ଶୃଙ୍ଖଳା, ସୁସମ୍ପର୍କ ବ୍ୟାହତ, ଅପ୍ରିୟ ସତ୍ୟରୁ କଳହ, ଅପମାନଜନକ ସ୍ଥିତିରୁ ରକ୍ଷା, ବ୍ୟବସାୟିକ ଉତ୍କର୍ଷ, ଆନୁଷ୍ଠାନିକ କାମ ॥

**କର୍କଟ**

କର୍ମକ୍ଷେତ୍ରରେ ବିବାଦ, ସାଂସ୍କୃତିକ କାର୍ଯ୍ୟାରମ୍ଭ, ସାମାଜିକ ସମ୍ମାନ, ଲୋକ ସମ୍ପର୍କ ବଢିବ, ବନ୍ଧୁ ସାହାଯ୍ୟ କରିବେ, ଅତୀତ ଅନୁଚିନ୍ତା, ପଡୋଶୀ ସହ ମନୋମାଳିନ୍ୟ, ମନ ଉଦାସ ରହିବ, ଶୁଭ ଖବରପ୍ରାପ୍ତି ॥

**ସିଂହ**

କାର୍ଯ୍ୟସିଦ୍ଧିରୁ ଆନନ୍ଦ, ଆର୍ଥିକ ଅଭିବୃଦ୍ଧି, ନୂତନ ବନ୍ଧୁ ସମ୍ପର୍କ, କଳାପ୍ରିୟ ହେବେ, ମନୋରଞ୍ଜନର ମଉକା, ଦୂରଯାତ୍ରା କରିପାରନ୍ତି, ବ୍ୟବସାୟିକ ଉତ୍କର୍ଷତା, ସ୍ତ୍ରୀଙ୍କ ପ୍ରେରଣା, ନିଯୁକ୍ତି ଖବର ପାଇବେ, ଯାନବାହନରେ ତ୍ରୁଟି, ପଦମର୍ଯ୍ୟାଦା ବୃଦ୍ଧି ॥

**କନ୍ୟା**

ଆରୋଗ୍ୟ ଲାଭରୁ ଆଶ୍ୱସ୍ତି, ଟେନସନ୍ ଦୂର ହେବ, ମାମଲାର ଶୁଣାଣିରେ ବିଳମ୍ବ, ମାନସିକ ଅସ୍ଥିରତା, ସ୍ଥଗିତ କାର୍ଯ୍ୟାରମ୍ଭ, ଅବହେଳାରୁ ସମାଲୋଚନା, ସାହିତ୍ୟ ସଙ୍ଗୀତରେ ରୁଚି, ସମସ୍ୟା ଆସିପାରେ, ସୁଯୋଗ ହରାଇପାରନ୍ତି ॥

**ତୁଳା**

କାର୍ଯ୍ୟ ସିଦ୍ଧି, ଯାତ୍ରାରେ ଲକ୍ଷ୍ୟପୂରଣ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ପଡୋଶୀଙ୍କ ସମାଲୋଚନା, ସତ୍ୟ ପ୍ରକାଶରୁ କଳହ, ଆର୍ଥିକ ଅନଟନ, ବାଣିଜ୍ୟରେ ବାଧାପ୍ରାପ୍ତ, ସାହିତ୍ୟକୃତିରୁ ପ୍ରଶଂସା, କାର୍ଯ୍ୟରେ ଉନ୍ନତି କରିବେ ॥

**ବିଛା**

ସ୍ୱାସ୍ଥ୍ୟ ସମସ୍ୟା, ଆର୍ଥିକ ଉନ୍ନତି, ପରିବାରରେ ଶାନ୍ତି, ଭୁଲ୍ ବୁଝାମଣା ଦୂର ହେବ, ସମ୍ପର୍କୀୟଙ୍କ ସମାଦର, ଧର୍ମଚର୍ଚ୍ଚା କରିବେ, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ପଡୋଶୀଙ୍କ ମତ ପାର୍ଥକ୍ୟ, ପରିସ୍ଥିତିକୁ ସୁଧାରିବେ, ଉଚ୍ଚବର୍ଗଙ୍କ ସାହାଯ୍ୟ, ସନ୍ତାନ ହେତୁକ ଗୌରବ ॥

**ଧନୁ**

ଗୁଜବରୁ ଦୁଃଶ୍ଚିନ୍ତା, ବ୍ୟବସାୟରେ ଲାଭ, ବନ୍ଧୁଙ୍କ ସହାନୁଭୂତି, ଭୁଲକାମ କରିପାରନ୍ତି, ରାଜନୈତିକ ଆଲୋଚନା, ନୂଆ ଯୋଜନା କରିବେ, ଫାଇଲ୍ କାମ ବୃଦ୍ଧି, ସରକାରୀ ସହାୟତା, ଆନୁଷ୍ଠାନିକ କର୍ମାରମ୍ଭ, ଯୋଗଶିକ୍ଷାରେ ରୁଚି ॥

**ମକର**

ଶୁଭଖବର ପ୍ରାପ୍ତି, ପ୍ରିୟଜନଙ୍କ ସାନ୍ନିଧ୍ୟ,ବସ୍ତ୍ରାଳଙ୍କାର କ୍ରୟ, ଯାନବାହନ ମରାମତି, ବିବାହପ୍ରସ୍ତାବ ଆସିବ, କାର୍ଯ୍ୟ ହାସଲର ସଫଳତା, ପଦସ୍ଥବ୍ୟକ୍ତିଙ୍କ ସହାୟତା, ପରିବାରରୁ ସହଯୋଗ, ବନ୍ଧୁଙ୍କ ଚୁପ୍‌ଚାପ୍ କଥା, ସମସ୍ୟା ସମାଧାନ ॥

**କୁମ୍ଭ**


ବୁଝାମଣାରେ ଉନ୍ନତି, କର୍ମକ୍ଷେତ୍ରରେ ପ୍ରଶଂସା, ବୁଦ୍ଧିଜିବୀଙ୍କ ପରାମର୍ଶ, ସୁସମ୍ପର୍କ ବ୍ୟାହତ, ବ୍ୟବସାୟରେ ଉନ୍ନତି, ଅଭିଳାଷ ପୂରଣ, ବୈଷୟିକ ଅଭିବୃଦ୍ଧି, ମନୋରଞ୍ଜନର ମଉକା, ଭ୍ରାତୃସମ୍ପର୍କରେ ଉନ୍ନତି ॥

**ମୀନ**

ସମସ୍ୟା ସମାଧାନ, ବିଭିନ୍ନକ୍ଷେତ୍ରରୁ ସୁଯୋଗ, ଦେହ ଭଲ ରହିବ, କର୍ମକ୍ଷେତ୍ରରେ ସ୍ଥାନାନ୍ତର, ସହକର୍ମୀଙ୍କ ସହ ତିକ୍ତତା, କାର୍ଯ୍ୟ ବ୍ୟସ୍ତତା ବୃଦ୍ଧି, ଦୁଃସାହାସିକ କାର୍ଯ୍ୟ, ନିର୍ମାଣ କାର୍ଯ୍ୟ ସ୍ଥଗିତ, ପଡୋଶୀଙ୍କ ପ୍ରେରଣା, ସାଂସ୍କୃତିକ କାର୍ଯ୍ୟାରମ୍ଭ, ସଭାସମିତିକୁ ନିମନ୍ତ୍ରଣ ॥

# ଝରଣା ପେଣ୍ଟିଂର ବାସ୍ତୁ ମହତ୍ତ୍ୱ

**ବା**ସ୍ତୁଶାସ୍ତ୍ର ଅନୁଯାୟୀ, ଝରଣାର ବୋହି ଯାଉଥିବା ପାଣି ସମୃଦ୍ଧି, ପ୍ରଚୁରତା ତଥା ସକରାତ୍ମକତାର ପ୍ରତୀକ ହୋଇଥାଏ। ତେଣୁ ଘରେ ଝରଣାର ପେଣ୍ଟିଂ ଲଗାଇବା ଶୁଭ ଫଳ ଦେଇଥାଏ ବୋଲି ବିଶ୍ୱାସ କରାଯାଏ। ତେବେ ଏହି ପେଣ୍ଟିଂକୁ ଘରର କେଉଁ ଦିଗରେ ଆଉ କିଭଳି ଲଗାଇବା ଉତ୍ତମ ହୋଇଥାଏ ସେ ନେଇ ବି ବାସ୍ତୁଶାସ୍ତ୍ରରେ ରହିଛି ଅନେକ ନିୟମ। ଯେମିତିକି: ଝରଣାର ପେଣ୍ଟିଂକୁ ଘରର ଉତ୍ତର, ଉତ୍ତର-ପୂର୍ବ ଦିଗରେ ଲଗାଇବା ସବୁଠୁ ଶୁଭ ବୋଲି କୁହାଯାଇଥାଏ। ପଶ୍ଚିମ ଦିଗରେ ବି ଏହାକୁ ଲଗାଇହେବ। କିନ୍ତୁ ଦକ୍ଷିଣ ଦିଗ କାନ୍ଥରେ ଝରଣାର ପେଣ୍ଟିଂ ଲଗାଇବା ପାଇଁ ବାସ୍ତୁଶାସ୍ତ୍ରରେ ବାରଣ ରହିଛି। ସେହିପରି ଘରର ଡ୍ରଇଂ ରୁମ୍ ହେଉକି ଲିଭିଂ ରୁମ୍‌ରେ ଏହି ପେଣ୍ଟିଂକୁ ଲଗାଇହେବ କିନ୍ତୁ ବେଡ୍‌ରୁମ୍‌ରେ ଏହାକୁ ଲଗାଇବା ଆଦୌ ଠିକ୍ ନୁହେଁ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷେ,



ଝରଣାର ପେଣ୍ଟିଂ କିଣିଲାବେଳେ ଦେଖିବେ, ଏହାର ଜଳ ଯେମିତି ସୁରୁଖୁରୁରେ ବୋହୁଥିବ। ଅର୍ଥାତ୍ ଝରଣାର ଜଳ ପ୍ରବାହରେ ଯେମିତି କୌଣସି ବାଧା ଉପୁଜୁଥିବା ଭଳି ଚିତ୍ର ନଥିବ, ସେମିତିକା ପେଣ୍ଟିଂ ଆଣି ହିଁ ଘରେ ଲଗାଇବା ଶୁଭ ହୋଇଥାଏ।

# ପାଠକୀୟ

* ଆମ ଦେଶରେ ଖାଇବାତେଲର ଚାହିଦା ମେଣ୍ଟାଇବା ଲାଗି ସରକାର ଏକ ନୂତନ ଯୋଜନାରେ ପାମୋଲିନ ତେଲ ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଅଣ ଜଳସେଚିତ ଜମିରେ କମ୍ ପରିଶ୍ରମ, ଅଳ୍ପ ଯତ୍ନ କରି ଅଧିକ ଲାଭ ପାଉଥିବାରୁ ଚାଷୀମାନଙ୍କର ଏଥିପ୍ରତି ଆଗ୍ରହ ବଢୁଛି। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ତଥା ସମୟୋପଯୋଗୀ ଆଲେଖ୍ୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଓଡ଼ିଶାରେ ପାମ୍ ଚାଷ' ଟି ସତରେ ବେଶ୍ ମନଛୁଆଁ ହୋଇଥିଲା। 'କ'ଣ ଦେବେନି ଉପହାରରେ', 'ଘର ପାଇଁ ୫ଟି ଲକି ପ୍ଲାଣ୍ଟ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ରାଜେଶ ପ୍ରଧାନ, କଟକ*

* ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଓଡ଼ିଶାରେ ପାମ୍ ଚାଷ' ଶୀର୍ଷକ ଆଲେଖ୍ୟଟି ଏକ ଶିକ୍ଷଣୀୟ ବିଷୟ ଥିଲା। ଏଥିରୁ ବହୁ ଉପାଦେୟ କଥା ଜାଣିହେଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ସିନ୍ଦୂର ଫରୁଆ' ସମ୍ପର୍କରେ ବି ଅନେକ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ କବି, ଗାଳ୍ପିକ, ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ନିମାଇଁ ମିଶ୍ରଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*– ତନୁଜା ସେଠୀ, ମୟୂରଭଞ୍ଜ*

* ସୃଜନ ପୃଷ୍ଠାରେ ସ୍ଥାନିତ 'ଟ୍ରାଫିକ୍' ଶୀର୍ଷକ ଗପଟି ହୃଦୟସ୍ପର୍ଶୀ ହୋଇଥିଲା। ସେହିପରି 'ସମୟର ପୁଲ', 'ଅକବିତା' ଆଦି କବିତା ବି ମନଛୁଆଁ ଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ଯଦି ଧର୍ମେନ୍ଦ୍ର ରାଜି ହୋଇଥାଆନ୍ତେ' ଶୀର୍ଷକ ପାଠଟି ବି ବେଶ୍ ନିଆରା ଲାଗୁଥିଲା ପଢ଼ିବାକୁ। ସାହିତ୍ୟିକା କିରଣ ମିଶ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବି ଖୁବ୍ ପ୍ରେରଣାଦାୟୀ ଥିଲା।

*–ଅନିନ୍ଦିତା ମହାପାତ୍ର, ମାଲକାନଗିରି*

* 'ଅଜବ ଅଣ୍ଡା' ଶୀର୍ଷକ ପାଠଟି ବି ବେଶ୍ ନିଆରା ଥିଲା ପଢ଼ିବାକୁ। ମଡେଲ ମିରର୍‌ରେ ସୁମନ ଖୁବ୍ ସୁନ୍ଦର ଲାଗୁଥିଲେ। ସହର ପୃଷ୍ଠାରୁ 'ଡେବ୍ରିଗଡ଼ ଅଭୟାରଣ୍ୟ' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ବିବିଧା ପୃଷ୍ଠାରୁ 'ସନ୍‌ଗ୍ଲାସ୍' ସମ୍ପର୍କରେ ବି ବହୁ ଉପାଦେୟ କଥା ଜାଣିହେଲା।

*– ସ୍ୱପ୍ନାମୟୀ ପ୍ରଧାନ, ପାରାଦୀପ*

* ଶ୍ରୀ ସନ୍ନ୍ୟାସୀ ଜୀଙ୍କ ଚିନ୍ମୟ ଚିନ୍ତନ ପାଠଟି ହୃଦୟସ୍ପର୍ଶୀ ହେବା ସହ ଶୀକ୍ଷଣୀୟ ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ରୋବୋ ଖେଳୁଛି ବାସ୍କେଟ୍ ବଲ୍', 'ଏକାଥରେ ୩୮ କୁକୁର ଧରି ଚାଲିଲେ', 'ଷ୍ଟ୍ରୋଲର ମାରାଥନ୍' ଆଦି ପାଠ ଯେତିକି ମଜାଦାର ଥିଲା ସେତିକି ଆଶ୍ଚର୍ଯ୍ୟକର ବି ହୋଇଥିଲା।

– ଲଭ୍‌ଲି ସେନାପତି, କୋରାପୁଟ

## ବିଶେଷ ଚିଠି



ଏଥର ଛୁଟିଦିନର ପ୍ରଚ୍ଛଦରେ ଥିଲା
ଓଡ଼ିଶାରେ ପାମ୍ ଚାଷ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ତଥ୍ୟ ବି ସେମିତି।
ତା'ସାଙ୍ଗକୁ ମଜାଦାର୍ ଥିଲା
ହାଃ ହାଃ ଓ ତୁମ ସାଥୀର ଉତ୍ତର,
ମନ କିଣି ନେଉଥିଲା ପୁଣି
ତୁମ ପ୍ରଥମ ରୋଜଗାର।
ସତରେ ହେ ଛୁଟିଦିନ
ତୁମ ଷୋହଳ ପୃଷ୍ଠାଯାକ ଲାଗେ
ସବୁଠୁ ସୁନ୍ଦର ଓ ସବୁଠୁ ନୂତନ।

*– ପ୍ରଜ୍ୟୋତି ବିଶ୍ୱାଳ, ଢେଙ୍କାନାଳ*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଅଳତା



**ଅଳତା! କୁଆଁରୀ ଝିଅଙ୍କ ପାଦର ଶୋଭା। ନବବଧୂଙ୍କ ସୌଭାଗ୍ୟର ପ୍ରତୀକ ଆଉ ସଧବା ନାରୀଙ୍କ ଶୃଙ୍ଗାର ଯେମିତି ଏହା ବିନା ଅଧା। ଅଳତାର ନାଲିରଙ୍ଗ କେବଳ ଆକର୍ଷଣୀୟ ନୁହେଁ, ଏହା ଆମ ପୂଜାପର୍ବ ଓ ପରମ୍ପରାର ବି ଏକ ଅଂଶ। ଅଳତାର ବହୁବିଧ ବ୍ୟବହାରକୁ ନେଇ ଉପସ୍ଥାପନା...**







### ସୌଭାଗ୍ୟବତୀ ନାରୀର ପରିଚୟ

ଝିଅଟିଏ ଯେତେବେଳେ ବିବାହ ବନ୍ଧନରେ ବାନ୍ଧି ହୁଏ ତା'ର ମଥାରେ ଶୋଭାପାଏ ସିନ୍ଦୂର, ହାତରେ ଶଙ୍ଖା ଆଉ ପାଦରେ ଅଳତା। କହିବାକୁ ଗଲେ ଏହି ତିନୋଟି ଅମୂଲ୍ୟ ରତ୍ନ ଜଣେ ନାରୀ ପାଇଁ ସୌଭାଗ୍ୟବତୀର ପରିଚୟ ପାଲଟିଯାଏ। ଶଙ୍ଖା, ସିନ୍ଦୂର ତ ସେ ସବୁବେଳେ ପିନ୍ଧେ, କିନ୍ତୁ ପାଦରେ ଅଳତା ଲଗାଇବା ସବୁବେଳେ ସମ୍ଭବ ନ ହେଲେ ବି ବିଭିନ୍ନ ପର୍ବପର୍ବାଣିରେ ସୌଭାଗ୍ୟବତୀ ନାରୀମାନେ ପାଦରେ ଅଳତା ଲଗାଇବାକୁ ଆମ ପରମ୍ପରାରେ ଶୁଭ ବୋଲି ଧରାଯାଏ। କେଉଁଠି କେଉଁଠି ପରମ୍ପରା ରହିଛି, ନବବଧୂଟିଏ ଗୃହକୁ ପ୍ରବେଶ କରିବା ସମୟରେ ଘରର ଏରୁଣ୍ଡି ବନ୍ଧ ନିକଟରେ ଏକ ପାତ୍ରରେ ଅଳତା ରଖାଯିବ। ନବବଧୂ ଉକ୍ତ ଅଳତାକୁ ମାଡ଼ି ଘର ମଧ୍ୟକୁ ପ୍ରବେଶ କରିବ। ଏହାଦ୍ୱାରା ଘରକୁ ମା' ଲକ୍ଷ୍ମୀଙ୍କର ଆଗମନ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏଥିରୁ ଅନୁମାନ କରିହୁଏ ଯେ, ଅଳତା ଏକ ଶୁଭ ଲକ୍ଷଣର ପ୍ରତୀକ। ବାହାଘର, ବ୍ରତଘର, ରଜ, ସାବିତ୍ରୀ, ଦୁର୍ଗାପୂଜା ହେଉକି ଘରେ ଯେ କୌଣସି ଶୁଭ କର୍ମ ହେଉ ଘରର ସଧବା ନାରୀମାନେ ପାଦରେ ଅଳତା ଲଗାଇବାର ପରମ୍ପରା ଆମ ସଂସ୍କୃତିରେ କାହିଁ କେବେଠୁ ରହିଆସିଛି। ଏପରି କି ଜଣେ ସଧବା ନାରୀର ମୃତ୍ୟୁ ହେଲେ ତା'ର ପରିବାର ଲୋକେ ତାକୁ ହଳଦୀ ପାଣିରେ ଗାଧୋଇ, ନୂଆବସ୍ତ୍ର ପିନ୍ଧାଇ, ମଥାରେ ସିନ୍ଦୂର ଓ ପାଦରେ ଅଳତା ଲଗାଇ ଅହ୍ୟ ସୁଲକ୍ଷଣୀ ବେଶରେ ସଜାଇ ତାକୁ ଶେଷ ବିଦାୟ ଦେଇଥାନ୍ତି। ଏହିଥିରୁ ଅନୁମାନ କରିହୁଏ ଯେ, ଜଣେ ସଧବା ନାରୀ ପାଇଁ ଅଳତା କେତେ ଗୌରବର ପ୍ରତୀକ।

### ଅଳତା ଏକ: ନାମ ଅନେକ

ପବିତ୍ରତାର ପ୍ରତୀକ ଅଳତାର ବ୍ୟବହାର ଓଡ଼ିଶା ଓ ବଙ୍ଗଳା ସଂସ୍କୃତିରେ ବିଶେଷ ଭାବରେ ଦେଖିବାକୁ ମିଳିଥାଏ। ଏଠାରେ ଏହାକୁ ଅଳତା ବୋଲି କୁହାଯାଇଥାଏ। ଏହି ଦୁଇ ସ୍ଥାନ ଛଡ଼ା ବିହାରରେ ବି ଅଳତା ଲଗାଇବାର ବିଧି ରହିଛି। ଏଠାରେ ଅଳତାକୁ 'ମହାବର' ବୋଲି କୁହାଯାଏ। ଆଜିକାଲି ଭିନ୍ନ ଭିନ୍ନ ସଂସ୍କୃତିରେ ବିବାହ ଖୁବ୍ ସାଧାରଣ ହୋଇଗଲାଣି। ଏଭଳି କ୍ଷେତ୍ରରେ ଅନ୍ୟ ରାଜ୍ୟର ନାରୀମାନେ ବି ଖୁସିରେ ଅଳତା ଲଗାଇବାର ଦେଖିବାକୁ ମିଳୁଛି। କେବଳ ଭାରତର ବିଭିନ୍ନ ଅଞ୍ଚଳର ନାରୀମାନେ ନୁହନ୍ତି, ନେପାଳର ବିଭିନ୍ନ ପରମ୍ପରାରେ ବି ଅଳତା ବ୍ୟବହାର ହେଉଥିବାର ସୂଚନା ରହିଛି। ଅଳତାକୁ ଏଠାରେ 'ଆଲାହ' ବୋଲି ସମ୍ବୋଧନ କରାଯାଇଥାଏ।

### ନୃତ୍ୟରେ ଅଳତାର ବ୍ୟବହାର

ଅଳତାର ନାଲି ରଙ୍ଗ ଦୂରରୁ ବେଶ୍ ସ୍ପଷ୍ଟ ବାରି ହୋଇଯାଏ। ଏହି କାରଣ ଯୋଗୁ ହେଉ କି ଏହାର ପବିତ୍ରତା ଗୁଣ ଯୋଗୁ ହେଉ ବିଭିନ୍ନ ଶାସ୍ତ୍ରୀୟ ନୃତ୍ୟରେ ଅଳତାର ବ୍ୟବହାର କରାଯାଇଥାଏ। ଯେମିତିକି ଓଡ଼ିଶୀ ନୃତ୍ୟଶିଳ୍ପୀମାନେ ଉଭୟ ହାତ ଓ ପାଦରେ ଅଳତା ପିନ୍ଧିଥାନ୍ତି। ଏହାଦ୍ୱାରା ସେମାନଙ୍କ ହାତ ଓ ପାଦ ସୁନ୍ଦର ଦେଖାଯିବା ସହ ସେମାନେ ଓଡ଼ିଶୀର ଯେଉଁ ସବୁ ମୁଦ୍ରା ଓ ଭାବଭଙ୍ଗୀ ପରିବେଷଣ କରିଥାନ୍ତି ତାହା ବି ଆଖିଦୃଶିଆ ଲାଗିଥାଏ। କେବଳ ଓଡ଼ିଶୀ କାହିଁକି ଭାରତନାଟ୍ୟମ୍, କୁଚିପୁଡ଼ି, କଥକ, ମୋହିନିଅଟ୍ଟମ ଇତ୍ୟାଦି ନୃତ୍ୟରେ ବି ଅଳତାର ବ୍ୟବହାର କରାଯାଉଥିବା ସୂଚନା ରହିଛି।

→





**ଚଳଚ୍ଚିତ୍ରରେ ଅଲତା**

ଆମ ସଂସ୍କୃତି ଓ ପରମ୍ପରାରେ ଅଲତାର କେତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ତାହାକୁ ପ୍ରାଧାନ୍ୟ ଦେଇ ଓଡ଼ିଆ, ବଙ୍ଗଳା ଏପରି କି ହିନ୍ଦୀରେ ବି ଅନେକ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ସବୁଠୁ ବଡ଼ ଉଦାହରଣ ଭାବେ ଆମେ ଦେବଦାସ ଚଳଚ୍ଚିତ୍ରକୁ ନେଇପାରିବା। ଏଥିରେ ପାରୋ ଭୂମିକାରେ ଅଭିନୟ କରିଥିବା ଐଶ୍ୱର୍ଯ୍ୟା ରାୟଙ୍କର ହାତ ଓ ପାଦରେ ଯେଉଁ ଅଲତା ଲାଗିଛି ତାହା ଆକର୍ଷଣୀୟ ଦେଖାଯିବା ସହ ଏହା ଆମକୁ ଅଲତାର ମହତ୍ତ୍ୱ ସମ୍ପର୍କରେ ସୂଚାଇ ଦେଉଛି। କେବଳ ଏହି ଗୋଟିଏ ଚଳଚ୍ଚିତ୍ର କାହିଁକି ଆହୁରି ବି ଅନେକ ଚଳଚ୍ଚିତ୍ର ରହିଛି ; ଯେଉଁଥିରେ ଦେଖିବାକୁ ମିଳିଥାଏ ଅଲତାର ବର୍ଣ୍ଣ ବିଭା।

**ଅଲତା ଆମ ପରମ୍ପରାର ଏକ ଅଂଶ: ଶ୍ରୀସନ୍ନ୍ୟାସୀ ଜୀ** (ଆଧ୍ୟାତ୍ମିକ ପ୍ରବକ୍ତା)

ଅଲତା ମଖା ପାଦ ଖୁବ୍ ସୁନ୍ଦର। ଉଭୟ ଓଡ଼ିଶା ଓ ବଙ୍ଗଳା ପରମ୍ପରାରେ ଅଲତାର ବ୍ୟବହାର ଦେଖିବାକୁ ମିଳେ। ଓଡ଼ିଆ ଓ ବଙ୍ଗଳାରେ ଅଲତା କୁହାଯାଉଥିବାବେଳେ ହିନ୍ଦୀରେ ଏହାକୁ 'ମହାବର' ବୋଲି କୁହାଯାଏ। ଯଦି ଶବ୍ଦର ପ୍ରକୃତ ଜନ୍ମ ବାବଦରେ ଆଲୋଚନା କରିବା ତେବେ ଅଲତା ହେଉଛି ଏକ ଲାଟିନ ଶବ୍ଦ ଯାହାର ଅର୍ଥ ହେଉଛି 'ହାଇ ବା ଉଚ୍ଚ'। ଅର୍ଥାତ୍ ଅଲତା ଲଗାଇବା ଦ୍ୱାରା ମହିଳାଙ୍କର ବ୍ୟକ୍ତିତ୍ୱ ଉଚ୍ଚା ହୋଇଯାଏ ବୋଲି କୁହାଯାଏ। ଅଲତାକୁ ମା' ଲକ୍ଷ୍ମୀଙ୍କ ପ୍ରତୀକ ବୋଲି ମଧ୍ୟ ଧରାଯାଏ। ଏହାକୁ ପାଦରେ ଲଗାଇଲେ ଏହା ସମ୍ପୃକ୍ତ ମହିଳାଙ୍କୁ ସୌଭାଗ୍ୟ ପ୍ରଦାନ କରିଥାଏ। ଦେଶର କେତେକ ସ୍ଥାନରେ ପରମ୍ପରା ଅଛି ଯେ, କନ୍ୟାଟିଏ ଜନ୍ମ ହେବା ପରେ ପରେ ତା' କୁନି କୁନି ପାଦରେ ଅଲତା ଲଗାଇ ସେହି ପାଦଦ୍ୱୟକୁ ନେଇ ଘରର କାନ୍ଥରେ ପାଦ ଚିହ୍ନ ଅଙ୍କନ କରାଯାଏ। ବିଶ୍ୱାସ କରାଯାଏ, ଏହାଦ୍ୱାରା ମା' ଲକ୍ଷ୍ମୀଙ୍କର ଘରକୁ ଆଗମନ ହୋଇଥାଏ। ଏହି ଖୁସିର ମୁହୂର୍ତ୍ତକୁ ପରିବାରର ସମସ୍ତେ ବେଶ୍ ଉତ୍ସାହର ସହ ପାଳିଥାନ୍ତି।



ଆମ ସଂସ୍କୃତିରେ ଥିବା ୧୬ ପ୍ରକାର ଶୃଙ୍ଗାର ଭିତରୁ ଅଲତା ଗୋଟିଏ। ଗବେଷଣା କୁହେ, ଅଲତା ଲଗାଇବା ଦ୍ୱାରା ମନ ଶାନ୍ତ ରୁହେ, ମାନସିକ ଚାପ କମେ।

ପ୍ରତ୍ୟେକ ଜିନିଷର ବ୍ୟବହାର ପାଇଁ କିଛି ନା କିଛି ନିୟମ ଥିବା ଭଳି ଅଲତା ଲଗାଇବାର ମଧ୍ୟ ସେମିତି କିଛି ନିୟମ ରହିଛି। ଯେମିତିକି: ଅଲତା ଲଗାଇବା ପୂର୍ବରୁ ପ୍ରଥମେ ପରିବାରର ବୟସ୍କ ବା ଗୁରୁଜନ ମହିଳାମାନଙ୍କ ପାଦରେ ଲଗାଇ ପରେ ନିଜେ ଲଗାଇବେ। ଏହାଦ୍ୱାରା ଗୁରୁଜନଙ୍କ ଆଶୀର୍ବାଦ ମିଳିଥାଏ। ପ୍ରଥମେ ବାମ ପାଦରେ ଅଲତା ଲଗାଇବାର ନିୟମ ରହିଛି। ବିଭିନ୍ନ ଓଷା ବ୍ରତ, ପୁଣ୍ୟ ପରବରେ ଅଲତା ଲଗାଇଲେ ଶୁଭ। ଦିନର କେଉଁ ସମୟରେ ଅଲତା ଲଗାଇବେ ସେଥିଲାଗି ବି ନିୟମ ଅଛି। ମଧ୍ୟାହ୍ନ ସମୟ ବା ଦିନ ୧୨ଟା ପାଖାପାଖି ସମୟରେ ଅଲତା ଲଗାଇବା ଉଚିତ ନୁହେଁ। ସେହିପରି ସନ୍ଧ୍ୟା ୬ରୁ ୭ଟା ଭିତରେ ଅଲତା ନ ଲଗାଇବା ପାଇଁ ଆମ ଶାସ୍ତ୍ରକାରମାନେ ବାରଣ କରିଛନ୍ତି। ଅଲତା ଲଗାଇବା ସମୟରେ ନିଜର ମୁହଁ ସର୍ବଦା ଦକ୍ଷିଣ ଦିଗକୁ କରି ଲଗାଇବା ଉଚିତ। ଏହାଦ୍ୱାରା ସ୍ୱାମୀଙ୍କ ଆୟୁଷ ବୃଦ୍ଧି ପାଏ, ଯମର କୁଦୃଷ୍ଟି ପଡି ନ ଥାଏ ବୋଲି କୁହାଯାଏ। କିଛି ଗୋଟାଏ ଆସନ ବିଛାଇ ତା' ଉପରେ ବସି ଅଲତା ଲଗାଇବା ଉଚିତ। ପାଦରେ ସମ୍ପୂର୍ଣ୍ଣ ଅଲତା ଲଗାଇ ସାରିବା ପରେ ହିଁ ଉଠିବା ଉଚିତ। ଅଧା ଲଗାଇ ଉଠି କେଉଁ କାମ ପାଇଁ ଚାଲିଯିବା, ପୁଣି ଆସି ଲଗାଇବା, ଏପରି କରିବା ଶୁଭ ଲକ୍ଷଣ ନୁହେଁ।

**ଶୃଙ୍ଗାର ହେଉ କି ସଂସ୍କୃତି ସବୁଠି ଅଛି ଅଲତା: ସୁଷମା ପରିଜା** (ଲେଖିକା)

ହିନ୍ଦୁ ଧର୍ମରେ ନାଲି ରଙ୍ଗର ଏକ ସ୍ୱତନ୍ତ୍ର ମହତ୍ତ୍ୱ ରହିଛି। ନାଲି ରଙ୍ଗଟି ଶୁଭ, ଭକ୍ତି ଏବଂ ଦିବ୍ୟ ଭାବର ପ୍ରତୀକ। ତେଣୁ ନାଲି ରଙ୍ଗର ଅଲତା, ସିନ୍ଦୂର ଓ ଶଙ୍ଖା ଭାରତୀୟ ସଧବା ନାରୀର ସୌନ୍ଦର୍ଯ୍ୟ, ଧୈର୍ଯ୍ୟ ଏବଂ ଐଶ୍ୱର୍ଯ୍ୟର ପ୍ରତୀକ ହୋଇଥାଏ। ହାତରେ ଶଙ୍ଖା, ମଥାରେ ସିନ୍ଦୂର ଏବଂ ପାଦରେ ଅଲତା ଥିଲେ ନାରୀଟିଏ ନାରାୟଣୀ ଭଳି ପ୍ରତୀତ ହୁଏ। ଯେ କୌଣସି ପୂଜା ଅନୁଷ୍ଠାନ, ବିବାହ ବ୍ରତ, ପର୍ବପର୍ବାଣି ହେଉ ଏଇ ତିନୋଟି ପଦାର୍ଥ ପ୍ରଥମେ ଲୋଡ଼ା ପଡ଼ିଥାଏ। ଏଥିମଧ୍ୟରୁ ଅଲତାକୁ କୁମାରୀମାନେ ରଜ, କୁଆଁର ପୂନେଇଁ ଭଳି ବିଶେଷ ପର୍ବପର୍ବାଣିମାନଙ୍କରେ ପରିବାରର ସୁଖ, ଶାନ୍ତି ଏବଂ ସମୃଦ୍ଧି ପାଇଁ ବ୍ୟବହାର କରିଥାନ୍ତି। ପାଦରେ ଅଲତା ପିନ୍ଧିବା ଦ୍ୱାରା ଗୃହରେ ସକାରାତ୍ମକ ଶକ୍ତି, ପବିତ୍ରତା ବଢେ ବୋଲି ବିଶ୍ୱାସ କରାଯାଏ।

ଅଲତା ନାମଟି ଉପନିଷଦର ଶବ୍ଦ 'ଲାକ୍ଷା ରସ'ରୁ ଆନୀତ। 'ଲାକ୍ଷା'ର ଅର୍ଥ ଲାଖ। ପୂର୍ବେ ଅଲତା ପ୍ରସ୍ତୁତିର ମୂଳ ସାମଗ୍ରୀ ଭାବେ ଲାଖକୁ ବ୍ୟବହାର କରାଯାଉଥିଲା। ସେହିପରି କିଛି କିଛି ଜାଗାରେ ଅଲତାକୁ ପାନରସ, ଗୁଆର କଷ ପାଣି ଏବଂ ଖଇର ଇତ୍ୟାଦି ଦ୍ରବ୍ୟରୁ ପ୍ରସ୍ତୁତ କରାଯାଉଥିବା ମଧ୍ୟ ତଥ୍ୟ ରହିଛି। ଅଲତାର ଉପଯୋଗ ମହାକବି କାଳିଦାସଙ୍କ 'ଅଭିଜ୍ଞାନ ଶାକୁନ୍ତଳମ୍'ରେ ମଧ୍ୟ ଦେଖିବାକୁ ମିଳେ। ସେଥିରେ ନାୟିକା ଶକୁନ୍ତଳା ପାଦରେ ଅଲତା ପିନ୍ଧିବାର ବର୍ଣ୍ଣନା କରିଛନ୍ତି ମହାକବି। ହିନ୍ଦୁ ପୁରାଣରେ ମା' ଲକ୍ଷ୍ମୀ ଏବଂ ମା' ଦୁର୍ଗା ମଧ୍ୟ ପାଦରେ ଅଲତା ପିନ୍ଧିବାର ବର୍ଣ୍ଣନା ରହିଛି। ଏପରିକି ମହାଭାରତର ଗୋପଲୀଳାରେ ଶ୍ରୀକୃଷ୍ଣ ବି ପାଦରେ ଅଲତା ପିନ୍ଧି ତ୍ରିଭଙ୍ଗୀ ଠାଣିରେ ଛିଡ଼ା ହେବାର ବର୍ଣ୍ଣନା ରହିଛି। ସେହିପରି ଅଲତା ପିନ୍ଧାଇବାକୁ ପ୍ରେମ ପ୍ରଦର୍ଶନର ଏକ ଉଦାହରଣ ସ୍ୱରୂପ ଦେଖାଇ ଗୋପଲୀଳାରେ ପ୍ରେମିକ ଶ୍ରୀକୃଷ୍ଣ ମାନମୟୀ ପ୍ରେମିକା ଶ୍ରୀରାଧାଙ୍କ ପାଦରେ ଅଲତା ପିନ୍ଧାଇ ଦେଇଥିଲେ। ଅଲତା ଯେ କାହିଁ କେଉଁ ପୁରାତନ କାଳରୁ ଭାରତୀୟ ସଂସ୍କୃତିରେ ପ୍ରଚଳିତ, ତାହା ଏହିଭଳି କେତେକ ଦୃଷ୍ଟାନ୍ତରୁ ପ୍ରମାଣିତ।


ଆମ ଓଡ଼ିଆ ସଂସ୍କୃତିରେ ମଧ୍ୟ ଅଲତାର ବହୁଳ ବ୍ୟବହାର ରହିଛି। ରଜ, କୁଆଁର ପୂନେଇଁରେ କୁମାରୀମାନେ ବିଭିନ୍ନ କୁଟିକମ କରି ପାଦରେ ଅଲତା ପିନ୍ଧିବାର ପରମ୍ପରା ରହିଛି। ଆମ ପିଲାଦିନର ସେ ଦୋ'ପଟିଆ, ତିନିକୋଣିଆ, ଢେଉ ଢେଉକା, ଛନ୍ଦାପଟି ଇତ୍ୟାଦି ଅନେକ ରକମର ଅନେକ ଶୈଳୀରେ ଅଲତା ପିନ୍ଧାର ଢଙ୍ଗ ଦେଖି ମନ ଖୁସି ହୋଇଯାଏ। ଗାଆଁ ଗହଳିରେ ରଜ ତିନି ଦିନ ପାଇଁ କୁଆଁରୀ ଝିଅମାନଙ୍କ ସକାଶେ ସ୍ୱତନ୍ତ୍ର କୋଠଘର ସଜଡ଼ା ହୁଏ। ସେଠାରେ ହଳଦୀବଟା, ଚନ୍ଦନ, କୁଙ୍କୁମ, ସିନ୍ଦୂର, ଅଲତା, କଜ୍ଜଳ ଇତ୍ୟାଦି ପ୍ରସାଧନ ସାମଗ୍ରୀ ସଜ ହୋଇ ରହେ। ନିଜ ନିଜ ଘରୁ ସମସ୍ତେ କାଳିଅନ୍ଧାରରୁ ଉଠି, ଗାଁ ପୋଖରୀରେ ଏକାଠି ଗାଧୁଆପାଧୁଆ ସାରି ସେଇଠି ସଜବାଜ ହୁଅନ୍ତି। ଗାଁର ଶେଷ ମୁଣ୍ଡ ଆମ୍ବତୋଟାରେ ବନ୍ଧା ହୋଇଥିବା କତା ଦୋଳି, ବାଉଁଶ ଦୋଳି, ପଟା ଦୋଳିରେ ଝୁଲି ଝୁଲି ଗୀତ ଗାଆନ୍ତି, ସମସ୍ତଙ୍କ ଘରୁ ଆସିଥିବା ରଜ ପୋଡପିଠା, ରଜ ପାନ ଖାଆନ୍ତି, ସଞ୍ଜ ପୂର୍ବରୁ ଯିଏ ଯାହା ଘରକୁ ଫେରି ଆସନ୍ତି। ଆଜି ଅବଶ୍ୟ ସେ ସବୁ ପୁରୁଣା କାଳିଆ ଢଙ୍ଗ ନାହିଁ। ତଥାପି ଅଲତା ବଞ୍ଚି ରହିଛି ଆମ ସଂସ୍କୃତିରେ। ରଜ, ସାବିତ୍ରୀ, ଦୋଳ, ଦଶହରା ସବୁଥିରେ ଲୋଡା ପଡୁଛି ଅଲତାର।

**ଜନ୍ମରୁ ମୃତ୍ୟୁ ସବୁଠି ଲୋଡ଼ା ଅଲତା**

ଆମ ଓଡ଼ିଆ ସଂସ୍କୃତିରେ ଜନ୍ମରୁ ମୃତ୍ୟୁ ପ୍ରତି କ୍ଷେତ୍ରରେ ଅଲତାର ବ୍ୟବହାର ହୋଇଥାଏ। ପିଲାଟିଏ ଜନ୍ମ ହେଲେ ବାରଯାତ୍ରାରେ ତା' ମା' ନଖକାଟି ଅଲତା ପିନ୍ଧିଥାଏ। ପରିବାରର ଅନ୍ୟ ସଧବା ନାରୀ ବି ଖୁସିରେ ଅଲତା ପିନ୍ଧିଥାନ୍ତି। ଅନ୍ୟପକ୍ଷେ ପରିବାରର କେହି ମୃତ୍ୟୁବରଣ କଲେ ମୃତକଙ୍କର ଶୁଦ୍ଧିକ୍ରିୟାରେ ପରିବାରର ସଧବା ସ୍ତ୍ରୀ ଲୋକମାନେ ନଖକାଟି ଅଲତା ପିନ୍ଧିବାର ପରମ୍ପରା ଆମ ଚଳଣିରେ ରହିଛି। ଏପରି କରିବା ଦ୍ୱାରା ଅଶୁଦ୍ଧ ଦୋଷ କଟିଯାଇ ପବିତ୍ରତା ଫେରିଆସେ ବୋଲି ବିଶ୍ୱାସ କରାଯାଏ।

ତେଣୁ ଏଥିରୁ ଜଣାଯାଏ ଯେ, ଅଲତା ହେଉଛି ଆମ ସୁଖ ଦୁଃଖର ସାଥୀ। ଆମ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ପୁରୁଣା ଦିନ ହେଉ କି ଆଜିକାଲିର ସମୟ, ଅଲତା ଚିରକାଳ ଆମ ସଂସ୍କୃତିରେ ସୁଖ ସୌଭାଗ୍ୟର ଚିହ୍ନ ହୋଇ ରହିଛି ଓ ରହିଥିବ।

**– ଅମ୍ବିତା ମିଶ୍ର**





# ୟୁରୋପରେ ହିନ୍ଦୁ ଗାଁ

**ଆଜିକାଲି ଯେଉଁଠି ଅନେକେ ନିଜ ଧର୍ମ ଓ ସଂସ୍କୃତିଠୁ ଦୂରେଇ ଯାଇ ପାଶ୍ଚାତ୍ୟ ସଂସ୍କୃତିକୁ ଆପଣଉଛନ୍ତି। ଠିକ୍ ତା'ର ବିପରୀତ ପାଶ୍ଚାତ୍ୟ ଦେଶର ଲୋକେ କିନ୍ତୁ ଏବେ ସନାତନୀ ଧର୍ମକୁ ଆପଣାଉଥିବା ଦେଖିବାକୁ ମିଳୁଛି । ସେମାନେ କେବଳ ଯେ ଆମର ଧର୍ମକୁ ଆପଣଉଛନ୍ତି ତାହା ନୁହେଁ ଭାରତର ପରମ୍ପରା ସଂସ୍କୃତିକୁ ବି ଆପଣଉଛନ୍ତି। ଆଉ ପୁରାପୁରି ହିନ୍ଦୁଙ୍କ ଭଳି ଜୀବନଯାପନ ବି କରୁଛନ୍ତି । ସେମିତି ଏକ ସ୍ଥାନ ହେଉଛି ହଙ୍ଗେରୀର 'କୃଷ୍ଣା ଭ୍ୟାଲୀ' ଗାଁ । ଏଠାକୁ ଯେ, ଥରେ ଯିବ ଜୀବନସାରା ଭୁଲି ପାରିବ ନାହିଁ ତା'ର ସ୍ମୃତି। ଏଠାକାର ମହିଳାମାନଙ୍କ ଶାଢୀ ପିନ୍ଧା ବେଶକୁ ପୁରୁଷଙ୍କ ଧୋତି କୁର୍ତ୍ତା ବେଶ ଦେଖିଲେ ଯେ କେହି ବି ଘଡ଼ିଏ ଚାହିଁବ। କେବଳ ସେତିକି ନୁହେଁ ପିଲାମାନଙ୍କ ଶ୍ଲୋକ ପାଠ ଏଠାକାର ପରିବେଶକୁ ଆଧ୍ୟାତ୍ମିକତାରେ ଭରିଦିଏ । ୟୁରୋପର ଏହି ହିନ୍ଦୁ ଗାଁ ସମ୍ପର୍କରେ...**

**ହ**ଙ୍ଗେରୀର ରାଜଧାନୀ ବୁଦାପେଷ୍ଟଠାରୁ ପ୍ରାୟ୧୮୦ କି.ମି. ଦୂରରେ ଅଛି 'କୃଷ୍ଣା ଭ୍ୟାଲୀ' ନାମକ ଏକ ଗାଁ। ଏହି ଗାଁ ୟୁରୋପର 'ନବ ବ୍ରଜଧାମ' ଭାବେ ବି ପରିଚିତ। ୩୧୫ ଏକର ବ୍ୟାପ୍ତ ଏହି ଗାଁର ସ୍ୱତନ୍ତ୍ରତା ହେଉଛି ଏଠାକାର ଲୋକେ ଆଜିକାର ଧାଁ ଦଉଡ଼ ଭରା ଜୀବନଠାରୁ ବହୁ ଦୂରରେ। ହିନ୍ଦୁ ଧର୍ମ ଆପଣେଇବା ସହ ହିନ୍ଦୁ ପରମ୍ପରାକୁ ନେଇ ଜୀବନ ଅତିବାହିତ କରୁଛନ୍ତି। ଏମାନଙ୍କର ଦିନ ଆରମ୍ଭ ହୁଏ ବେଦ ଉଚ୍ଚାରଣରୁ। କୃଷ୍ଣା ଭ୍ୟାଲୀର ଲୋକେ ଉପନିଷଦ ପାଠ କରନ୍ତି। ହିନ୍ଦୁ ଧର୍ମଗ୍ରନ୍ଥକୁ ନେଇ ଶିକ୍ଷା ଗ୍ରହଣ କରନ୍ତି। ତା'ସହିତ ସାତ୍ତ୍ୱିକ ଜୀବନର ମୂଲ୍ୟ ଅନୁସରଣ କରନ୍ତି। ଏମିତି ଲାଗେ ଏହି ଗାଁରେ କଳୀଯୁଗର ପ୍ରବେଶ ହୋଇ ନାହିଁ। ନିଚ୍ଛକ ଭାରତୀୟ ଗାଁର ଛବି ଦେଖିବାକୁ ମିଳେ ଏଠି। ଗୋରା ଗୋରା ଉଚ୍ଚା ୟୁରୋପୀୟ ମହିଳାମାନଙ୍କ ଶାଢୀ ପିନ୍ଧା ଦୃଶ୍ୟ ବେଶ୍ ସୁନ୍ଦର ଲାଗେ। ଆଉ ପୁରୁଷମାନେ ବି ପଛରେ ନାହାନ୍ତି, ସେମାନେ ଖାଣ୍ଟି ଭାରତୀୟ ପୋଷାକ ଧୋତି କୁର୍ତ୍ତା ପିନ୍ଧନ୍ତି। ଏହି ଗାଁର ନିୟମ ରହିଛି ଯେ, ପ୍ରତିଦିନ ସକାଳୁ ଉଠି ସ୍ନାନ ସାରି ଶ୍ରୀକୃଷ୍ଣଙ୍କ ଭଜନ ଗାଇ ଗାଇ କିଛି ବାଟ ଯାତ୍ରା କରିବେ। ପ୍ରତିଦିନ ସକାଳର ଏହି ଭଜନ କୀର୍ତ୍ତନର ଦୃଶ୍ୟ ପରିବେଶକୁ ଆଧ୍ୟାତ୍ମିକ କରିଦିଏ।

ଏଠାକାର ଆଉ ଏକ ସ୍ୱତନ୍ତ୍ରତା ହେଉଛି ପୁରା ଗାଁ କୃଷି ଉପରେ ନିର୍ଭରଶୀଳ। ଆଉ ଏହି କୃଷି କାର୍ଯ୍ୟ କୌଣସି ଆଧୁନିକ ପଦ୍ଧତି ଅବଲମ୍ବନ କରି କରାଯାଇ ନ ଥାଏ। ବରଂ ବଦଳ ସାହାଯ୍ୟରେ ଓ ଜୈବିକ ଉପାୟରେ କରାଯାଏ। ଭାରତୀୟ ଗାଁରେ ଯେମିତି ହଳ, ଲଙ୍ଗଳ ଧରି ଚାଷୀ ଭାଇ ଚାଷ କରେ ସେମିତି ଦୃଶ୍ୟ ଏଠାରେ ଦେଖିବାକୁ ମିଳେ। ଏଠାକାର ଶିକ୍ଷାର ମାନ ବି ବହୁତ ଭଲ। ପୂର୍ବେ ଯେମିତି ଭାରତରେ ଗୁରୁକୁଳ ଥିଲା। ପିଲାମାନେ ସେଠାରେ ଯାଇ ସଂସ୍କୃତ ଶ୍ଲୋକ କଣ୍ଠସ୍ଥ କରୁଥିଲେ, ବେଦ ପାଠ କରୁଥିଲେ ଠିକ୍ ସେହିଭଳି କୃଷ୍ଣା ଭ୍ୟାଲୀରେ ପିଲାଙ୍କୁ ବୈଦିକ ପରମ୍ପରାରେ ପଢାଯାଏ। ପିଲାଙ୍କୁ ସଂସ୍କୃତ ଶ୍ଲୋକ ଗୁଡିକୁ କଣ୍ଠସ୍ଥ କରାଯାଏ। ତା'ସହ ଆଧୁନିକ ଶିକ୍ଷାକୁ ବି ଭଗବଦ୍ ଗୀତା ଓ ଶାସ୍ତ୍ର ସହ ଯୋଡି ପଢାଯାଏ। ଜୀବନର ପ୍ରତି କ୍ଷେତ୍ରରେ ଭଗବତ୍ ଗୀତାର ମହତ୍ୱ କେତେ ରହିଛି ତାକୁ ପିଲାଙ୍କୁ ବୁଝାଯାଏ। ଏଠାରେ ରାଧା ଶ୍ୟାମସୁନ୍ଦର ମନ୍ଦିର ବି ଅଛି। ପାଶ୍ଚାତ୍ୟ ଦେଶରେ ଏଭଳି ଭାରତୀୟ ଗାଁ ଦେଖିବାକୁ ପର୍ଯ୍ୟଟକମାନେ ଏଠାକୁ ବହୁମାତ୍ରାରେ ଆସିଥାନ୍ତି।











# ନାଟକ ମାଧ୍ୟମରେ ଜନସଚେତନତା ହୋଇପାରିବ

**ଦିନେ ତାଙ୍କର ସ୍ୱପ୍ନଥିଲା ସିନେମାରେ ଅଭିନୟ କରିବେ। କିନ୍ତୁ ପରେ ମନ ପରିବର୍ତ୍ତନ ହେଲା। ନାଟକ ମାଧ୍ୟମରେ ଜନସଚେତନତା ସୃଷ୍ଟି କରିବାର ଇଚ୍ଛା ଜାଗ୍ରତ ହେଲା। ସେହିଦିନରୁ ସେ ଓଡ଼ିଶାର କୋଣ ଅନୁକୋଣକୁ ଯାଇ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କଲେ...**

**ପି**ଲାଟିଦିନରୁ ଅଭିନୟ ପ୍ରତି ସେ ଥିଲେ ଆଗ୍ରହୀ। ସ୍କୁଲ ବୟସରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବାରେ ଥିଲା ତାଙ୍କର ଆନନ୍ଦ। ସମୟକ୍ରମେ ନାଟକକୁ ନେଇ ପାଠ ପଢ଼ିଲେ । ଯାହା ତାଙ୍କୁ ପରବର୍ତ୍ତୀ ସମୟରେ ଜଣେ ନାଟ୍ୟକାର, ଅଭିନେତା, ନିର୍ଦ୍ଦେଶକ, ପ୍ରଶିକ୍ଷକ, ଗବେଷକ ଓ ମଞ୍ଚ ପରିଚାଳକର ପରିଚୟ ଦେଲା। ପ୍ରାୟ ୩ ଦଶନ୍ଧିଧରି ସେ ଏହି କ୍ଷେତ୍ରରେ କାର୍ଯ୍ୟରତ। ଏହାଛଡ଼ା ସେ ଓଡ଼ିଶା ପଥପ୍ରାନ୍ତ ନାଟକ ମହାସଂଘର ସଭାପତିର ଦାୟିତ୍ୱ ନିର୍ବାହ କରୁଛନ୍ତି। ସେ ହେଲେ **ଶତ୍ରୁଘନ ସାମଲ** । ଜନ୍ମ ୧୯୬୪ ମସିହା ସେପ୍ଟେମ୍ବର ୭ ତାରିଖରେ। ପିତା ଶରତ ସାମଲ, ମାତା ସୁର ସାମଲ । ଘର ଯାଜପୁର ଜିଲାର ସଦର ବ୍ଲକ ଅନ୍ତର୍ଗତ ବେଣୀପୁର ଗ୍ରାମରେ। ବର୍ତ୍ତମାନ ରହୁଛନ୍ତି ଭୁବନେଶ୍ୱରରେ। ସେ କୁହନ୍ତି,‘ବେଣୀପୁର ଏକ ନିପଟ ମଫସଲ ଗାଁ। ଗ୍ରାମର ଗୋଟିଏ ପଟେ କଦଳା ନଈର ଅଗଭୀର ଗଣ୍ଡ। ଅନ୍ୟପଟେ ବିସ୍ତୀର୍ଣ୍ଣ ଶସ୍ୟକ୍ଷେତ୍ର। ଏଠାରେ ମୋର ବାଲ୍ୟ ଓ କୈଶୋର ଜୀବନ କଟିଥିଲା। ଗାଁର ପାଣିପବନ ଓ କଳାସଂସ୍କୃତି ମୋ’ ସୃଜନ ପ୍ରତିଭା ବିକାଶରେ ସହାୟକ ହୋଇଥିଲା। ଆମ ଅଞ୍ଚଳରେ ଦୋଳ, ରଜ, ଦୁର୍ଗାପୂଜା, କାର୍ତ୍ତିକ ପୂର୍ଣ୍ଣିମା ଖୁବ୍ ଯାକଜମକରେ ପାଳିତ ହୋଇଥାଏ। ଏମିତି ପର୍ବପର୍ବାଣି ସମୟରେ ଏଠାରେ ବିଭିନ୍ନ ଅପେରା ପାର୍ଟି ପଡ଼ିଥାଏ। ପୁଣି ଆଖପାଖ ଗାଁରେ ବି ନାଟକ ପରିବେଷଣ ହୁଏ। ଯାହାକୁ ଦେଖି ଦେଖି ମୋ ଭିତରେ ଅଭିନୟ ପ୍ରତି ଆକର୍ଷଣ ଆସିଥିଲା। ଆଉ ମୁଁ ନାଟକ ଶିକ୍ଷା ପାଇଁ ଭୁବନେଶ୍ୱରକୁ ଆସିଥିଲି। ଯେତେବେଳେ ଗାଁରେ ଯାତ୍ରା ହେଉଥିଲା ରାତିରେ ସେହି ନାଟକ ଦେଖିଲା ପରେ ପରଦିନ ଗାଁ ପିଲା ସାଙ୍ଗସାଥୀଙ୍କୁ ଧରି ଗାଁ ଦାଣ୍ଡରେ ଦେଖିଥିବା କିଛି ଚରିତ୍ର ଓ ଯାତ୍ରାର ଦୃଶ୍ୟକୁ ପରିବେଷଣ କରିଥାଉ। ଟିଣକୁ ବାଡ଼େଇ ବାଦ୍ୟ ବ୍ୟବହାର କରୁଥିଲୁ। ମଞ୍ଚରେ ଶଢେଇକୁ କତାଦୌଡ଼ିରେ ଝୁଲାଇ ମିଛିମିଛିକା ମାଇକ ରୂପେ ସଜାଉଥିଲୁ। ବେଶଭୂଷା ପାଇଁ ମୁହଁରେ ହାଣ୍ଡିକଳାମାରି ନିଶ ଦାଢି କରି ଅଭିନୟ କରୁଥିଲୁ। ଆଉ ମୁଁ ସେତେବେଳେ ନିର୍ଦ୍ଦେଶକ ସାଜି ସାଙ୍ଗମାନଙ୍କୁ ଅଭିନୟ ଶିଖାଉଥିଲି। ଗାଁ ସ୍କୁଲରେ ବାର୍ଷିକ ଉତ୍ସବରେ ହେଉଥିବା ନାଟକ ଆଦିରେ ମୁଁ ଅଭିନୟ କରୁଥିଲି। ଏହାପରେ କଲେଜ ଯାଇ କମର୍ସ ପଢିଲି। ହେଲେ ଏହା ମୋତେ ସନ୍ତୋଷ ଦେଇପାରି ନ ଥିଲା। ଦିନେ ଜାଣିବାକୁ ପାଇଲି ଭୁବନେଶ୍ୱରରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଛି, ଯେଉଁଠି ଅଭିନୟ ଶିକ୍ଷା ଦିଆଯାଏ । ୧୯୮୫ରେ ମୋ ଗୁରୁ ବିଜୟ ମହାନ୍ତି ଓ ଅଜିତ୍ ଦାସଙ୍କୁ









ସେ କଲେଜରେ ଦେଖି ନାଟକ ବିଭାଗରେ ନାମ ଲେଖାଇଥିଲି। ସେଠି କେବଳ ଅଭିନୟ ଶିକ୍ଷା ନ ଥିଲା ବରଂ ଷ୍ଟେଜ୍ ଏବଂ ଡିଜାଇନ ପାଠ ମଧ୍ୟ ପଢାଯାଉଥିଲା। ମୁଁ ନିର୍ଦ୍ଦେଶନାରେ ପିଜି କଲି। ପ୍ରଥମ ସ୍ୱପ୍ନଥିଲା ସିନେମାରେ ଅଭିନୟ କରିବି। କାଳକ୍ରମେ ମୋ ମନ ପରିବର୍ତ୍ତନ ହେଲା। ନାଟକ ମାଧ୍ୟମରେ ଜନସଚେତନତା ହୋଇପାରିବ ବୋଲି ମୋ ମନରେ ଏକପ୍ରକାର ଭାବନା ଜାଗ୍ରତ ହୋଇଥିଲା। ଏଥିଯୋଗୁ ଓଡ଼ିଶାର ଗ୍ରାମାଞ୍ଚଳଠାରୁ ସହରାଞ୍ଚଳର ବିଭିନ୍ନ ସ୍ଥାନରେ ବିଭିନ୍ନ ଜନଜୀବନ ସମସ୍ୟା ସମ୍ପର୍କରେ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲୁ। ପରୀ, ମାଣିକ ଓ ଗାନ୍ଧୀ ଆଦି ନାଟକ ରଚନା କରିଥିଲି। ଶତାଧିକ ନାଟକ ଶିବିରରେ ଛାତ୍ରୀଛାତ୍ରଙ୍କୁ ଟ୍ରେନିଂ ପ୍ରଦାନ କରିପାରିଛି। ଅନେକ ଷ୍ଟେଜ୍ ଶୋ’ କରିପାରିଛି। ନାଟ୍ୟଚେତନାରେ ଯୋଗଦେଇ ନାଟ୍ୟକଳା ଶିଖିଛି। ତେବେ ମଞ୍ଚ ନାଟକ ଓ ପଥପ୍ରାନ୍ତ ନାଟକ ମତେ ଅଧିକ ଖୁସି ଦେଇଥିଲା। ଯେଉଁଥିପାଇଁ ମୁଁ ଆଜି ପର୍ଯ୍ୟନ୍ତ ବହୁସଂଖ୍ୟକ ପଥପ୍ରାନ୍ତ ନାଟକରେ ଅଭିନୟ କରିଛି। ନାଟକ ମାଧମରେ ସମାଜକୁ ସଚେତନତାଧର୍ମୀ ବାର୍ତ୍ତା ଦେଇପାରିଥିବାରୁ ନିଜକୁ ଧନ୍ୟ ମଣେ। ସମୟକ୍ରମେ ଏହା ମୋର ପେସା ଓ ନିଶାରେ ପରିଣତ ହୋଇଯାଇଛି। ମୁଁ ଲେଖିଥିବା ଓ ନିର୍ଦ୍ଦେଶନା ଦେଇଥିବା ନାଟକଗୁଡ଼ିକ ମଧ୍ୟରେ ଛୋଟିଆ ନିଶା, ନୂଆ ସକାଳ, ଜଣା ଅଜଣା, ଜୀବନ ଜିନ୍ଦାବାଦ, ମୁଁ ପଢ଼ିବି, ନବ ଠିକ୍ ଦବ ଠିକ୍, ଗାନ୍ଧୀ, ମାଙ୍କଡ଼ ଉବାଚ, ସ୍ୱାସ୍ଥ୍ୟ ହିଁ ସମ୍ପଦ, କନ୍ୟାରତ୍ନ, ହଜାର ଦିନର କଥା, ବାହାବଜାର, ସଭିଏଁ ପଢ଼ିବେ ସଭିଏଁ ବଢ଼ିବେ, ସାବଧାନ, ଆଶାର ଆଲୋକ, ଆମ ଘର ଆମ ଗାଁ, ଶ୍ରେଷ୍ଠ ଭାରତ ଆଦି ରହିଛି। ୧୯୯୩ରୁ ଗଢିଥିବା ‘ଟିମ୍’ ନାଟ୍ୟସଂସ୍ଥା ଜରିଆରେ ଅନେକ ପଥପ୍ରାନ୍ତ ନାଟକର କର୍ମଶାଳା ଓ ତାଲିମ ଶିବିର କରି ବହୁ କଳାକାର ସୃଷ୍ଟି କରିପାରିଛୁ। ଶେଷରେ ଯାହା ମତେ ସବୁଠୁ ଆତ୍ମସନ୍ତୋଷ ଦିଏ ତାହା ହେଲା ନାଟକ ଶେଷରେ ଦର୍ଶକଙ୍କ ପ୍ରଶଂସା ଯେଉଁ ଆତ୍ମସନ୍ତୋଷ ଓ ଆନନ୍ଦ ଦିଏ ତାହା ଅବର୍ଣ୍ଣନୀୟ। ନାଟକ ପରିବେଷଣ କରିବାକୁ ଯିବା ସମୟର ଅନେକ ଅନୁଭୂତି ରହିଛି। ଏମିତି ବି ହୋଇଛି ପାହାଡ଼ ଜଙ୍ଗଲ ଘେରା ଅଞ୍ଚଳରେ ସନ୍ଧ୍ୟା ହୋଇଯାଇଛି ଆଉ ଆମେ ସେଠାରେ ଉପବାସରେ ରହିଛୁ, ତ ପୁଣି କେଉଁଠି ଆଦିବାସୀ ଗ୍ରାମର ଲୋକେ ନାଟକ ଦେଖି ଆମକୁ ଖାଦ୍ୟ ଦେଇଛନ୍ତି। ଅନେକ ଥର ହାତୀ ଘେରିକି ରହିଥିବା ଗାଁରେ ଭୟରେ ରାତି କଟାଇଛୁ। ସାପ ଭୟରେ ମଧ ରାତି ଅନିଦ୍ରାରେ ସମୟ ବିତିଛି। ମୟୂରଭଞ୍ଜ ଠାକୁରମୁଣ୍ଡାରେ ଭାଲୁ ଭୟ। ମାଲକାନଗିରି, ରାୟଗଡ଼ା, କୋରାପୁଟ, ଫୁଲବାଣୀରେ ମାଓବାଦୀଙ୍କ ଭୟ। ଏହା ସହ ବି ନାଟକ କରି ଫେରିଲା ପରେ ଯେଉଁ ଆନନ୍ଦ ମିଳେ, ତାହା ବର୍ଣ୍ଣନା କରିବା ସମ୍ଭବ ନୁହେଁ। କୋରାପୁଟର ନାରାୟଣପାଟଣା ଓ ମାଲକାନଗିରିର କୋରୁକୁଣ୍ଡା, କାଳିମେଳା ବ୍ଲକ ମାଓବାଦୀ ଅଞ୍ଚଳରେ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟକ୍ରମକୁ ସିଧାସଳଖ ଭାବରେ ସରକାରଙ୍କ ନାମ ନ ଧରି ଭିନ୍ନ ଭାବରେ ନାଟକ ପ୍ରସ୍ତୁତ କରି ସେ ଅଞ୍ଚଳରେ ପରିବେଷଣ କରିଥିଲୁ ଏବଂ ସେମାନଙ୍କ ମନ ଜିଣି, ତାଙ୍କ ଆତିଥ୍ୟ ଗ୍ରହଣ କରିଥିଲୁ। ସେଠାରୁ ଆସିଲା ପରେ ଜାଣିଲୁ ସେଠି ମାଓବାଦୀ ଓ ତାଙ୍କ ସମର୍ଥକମାନେ ଆମକୁ ଆତିଥେୟତା ପ୍ରଦାନ କରିଥିଲେ। ୧୯୯୮ମସିହାରେ ମୋ ପ୍ରଯୋଜନାରେ ଏକ ଟିଭି ସିରିଏଲ ‘ବାଜି’ ଦୂରଦର୍ଶନରେ ସୁଯୋଗ ପାଇଥିଲା। ୧୯୯୯ମସିହା ବେଳକୁ ପ୍ରାୟ୧୦ଟି ଏପିସୋଡ ପ୍ରସାରିତ ହୋଇ ସାରିଥିଲା, କିନ୍ତୁ ୧୯୯୯ ମସିହା ମହାବାତ୍ୟା ଯୋଗୁ ଏହି ସିରିଏଲ ବନ୍ଦ ରହିଲା। ଏଥିଯୋଗୁ ବହୁତ କ୍ଷତି ସହିଲି । ଆଉ ଗୋଟିଏ କଥା ମନେପଡୁଛି ପାଖ ଗାଁରେ ମଞ୍ଚସ୍ଥ ହେଉଥିବା ନାଟକକୁ ମଞ୍ଚ ଆଗରେ ବସି ଦେଖୁଥିଲି। ଜଣେ କଳାକାରଙ୍କ ଖଣ୍ଡା ଖସି ମୋ ଆଖି ପତାରେ ବାଜି ଯାଇଥିଲା। ଭାଗ୍ୟ ଭଲ ବିଶେଷ କିଛି ହୋଇ ନ ଥିଲା। ଏବେ ବି ସେ ଚିହ୍ନ ରହିଛି। କିନ୍ତୁ ଦିନ ଚାଲି ଯାଇଛି ସେକଥା ସବୁଦିନ ମନେ ରହିଥିବ। **–ବନବିହାରୀ**





# ଦୋଳି

– ସୁଚିତ୍ରା ମିଶ୍ର

'ରଜଦୋଳି କଟମଟ ମୋ ଭାଇ ମୁଣ୍ଡରେ ସୁନାମୁକୁଟ, ସୁନା ମୁକୁଟଲୋ ଦିଶୁଥାଏ ଝଟଝଟ' – ମାଆ ପୁରୁଣା ଛିଣ୍ଡା ସୂତା ଶାଢ଼ିଟିଏରେ ଦୋଳିକରି ସେଥିରେ ଶୁଆଇଦେଇ ଯାଇଥିଲା ନାଲୁକୁ ଆଉ ନିରୁ ଗୀତଟିକୁ ଗୁଣୁଗୁଣେଇ ହାତରେ ଝୁଲାଉଥିଲା ଭାଇକୁ। କୁନି ପୁଅଟି ହାତମୁଠାରୁ ଆଙ୍ଗୁଠିଟିଏ ପାଟିରେ ପୂରାଇ ଶୋଇପଡ଼ିଛି। କେବେ କେମିତି ଚାକୁଚାକୁ କରି ଚୁଚୁମି ପକାଉଛି ସେ ଆଙ୍ଗୁଠିଟିକୁ। ଦୋଳି ଝୁଲାଉଝୁଲାଉ ଟିକେ ଟିକେ କରି ମାଆ ଆଣିଥିବା ବହି ଉପରେ ଆଖି ବୁଲାଉଥିଲା ନିରୁ। ଆଗ୍ରହରେ ଲେଉଟାଇ ପକାଉଥିଲା ବହିର ପୃଷ୍ଠାକୁ । ଆଉ ସେତିକି ବେଳକୁ ନାଲୁର ପାଟି ଚାକୁଳାରେ ଚମକି ଉଠୁଥିଲା ସେ। ଗୀତର ସ୍ୱରକୁ ଆଉ ଟିକେ ଉଚ୍ଚାକରି ଲହରାଉଥିଲା । 'ମୋ ଭାଇ ମୁଣ୍ଡରେ ସୁନାମୁକୁଟ' କହିଲା ବେଳେ ଗେଲକରି ପକାଉଥିଲା ତାକୁ। ସତେକି ସୁନାର ମୁକୁଟଟିଏ ଆଣି ପିନ୍ଧାଇ ପକାଇବ ସେ ଭାଇକୁ।

ରାତି ପାହିଲେ ରଜ। ରଜ ମଉଜ, ପୋଡ଼ପିଠା ଖିଆଠାରୁ ନିରୁକୁ ବେଶି ଆମୋଦିତ କରେ ଦୋଳିଝୁଲା। ଆଠବର୍ଷର ନିରୁ ଠିଆପେଙ୍ଗାମାରି ଦୋଳିକୁ ଉପରକୁ ଟେକିନେଲାବେଳେ ଆକାଶ ଛୁଇଁଦେବାକୁ ମନହୁଏ ତା'ର। ଭସାମେଘକୁ ଆଉଁସି ଦେଇ ଆସିବାର ପିଲାଳିଆ ଇଚ୍ଛାଟିଏ ପ୍ରଖର ହୁଏ ତା' ମନ ଭିତରେ।

ଏବେ ଏବେ ମାଆ ତା'ର ସ୍କୁଲରେ ନାଁ ଲେଖେଇ ଦେଇଛି। ଖରାଛୁଟି ପରେ ସ୍କୁଲ ଖୋଲିବ ଆଉ ସେ ସ୍କୁଲ ଯିବ। ବାବୁଘର ଦିଦିଙ୍କଠାରୁ ତାଙ୍କ ପୁରୁଣା ବହିଖାତା ମାଗି ଆଣିଛି ମାଆ। ଦିଦିଙ୍କ ପାଖକୁ ଯାଇ କିଛି କିଛି ପାଠ ଶିଖିନେଇଛି ସେ। ଦିଦି ପଞ୍ଚମରେ ପଢ଼ନ୍ତି। ମାଆ କହୁଥିଲା, ତୃତୀୟ ଶ୍ରେଣୀରେ ତା' ନାଁ ଲେଖାହେବ। ନିରୁ ତା' କଳ୍ପନାରେ ପାଠର ଦୋଳିକୁ ବି ପେଙ୍ଗାମାରି ଟାଣିନେଉଥିଲା ଆକାଶ ଦିଗକୁ।

ମାଆ ଆସିଲା କି ? କବାଟ ଧଡ଼ଧଡ଼ ହେଉଥିଲା। ଡରମାଡ଼ିଲା ନିରୁକୁ। କୁନିପୁଅ ବି ରଡ଼ିକରି କାନ୍ଦୁଥିଲା। କବାଟ ଖୋଲିଦେଲା ନିରୁ। ଅବେଳରେ ବାପାଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇ ଚାହିଁଥିଲା ସେ। ଘର ଭିତରକୁ ପଶିଆସି ମାଆକୁ ଖୋଜିଲା ଆଖିରେ ଦେଖୁଥିଲେ ବାପା। ''ତୋ ମାଆ କାଇଁ ? ଫେରିନି ଏତେବେଳ ଯାଏଁ କାମରୁ ? '' କହୁକହୁ ଲଥିକରି ବସିପଡ଼ିଲେ ସେ। ମୁହଁଟା କେମିତି ଶେଥା ଦିଶୁଥିଲା । ଆଖି ଲୁହଲୁହ। ପାଣି ଢାଳଟିଏ ନେଇ ଧରେଇଦେଲା ସେ ବାପାଙ୍କୁ। ଢକଢକ କରି ସେତକ ପିଇନେଲେ ତା' ବାପା। ''କ'ଣ ହେଲାକି ? ଏତେବେଳେ କ'ଣ ଫେରି ଆଇଲ କାମରୁ ? '' ପଛପଟୁ ମାଆର ସ୍ୱର ଶୁଣି ଆଶ୍ୱସ୍ତ ହେଲା ନିରୁ। ''ଆମକୁ ଏଠୁ ଯିବାକୁ ହେବ ?'' ବାପାଙ୍କ ଗଳାରେ ଦମ୍ ନ ଥିଲା। ''କୁଆଡେ ?'' ମାଆ ପଚାରିଲା। ଉତ୍ତର ଖୋଜୁଥିଲେ ବାପା। ''ବଡ଼ରାସ୍ତା ଏଇବାଟ ଦେଇ ଯିବ କହୁଥିଲ। ଆମଘର ସେମାନେ ଭାଙ୍ଗିଦେବେ ? କୁଆଡ଼େ ତେବେ ଯିବା ଆମେ ?'' ଆଗରୁ ଶୁଣିଥିବା କଥାଟିକୁ ଦୋହରେଇଲା ମାଆ। ବାବୁଘରେ ଆଜି କେତେ ପ୍ରକାର ପିଠା ତିଆରି କରିଛି ସେ। ପୋଡ଼ପିଠା ଖଣ୍ଡେ ଆଣିଛି ସାଙ୍ଗରେ। ତାଙ୍କ ଘରେ ଦୋଳି ଲାଗିଛି। ସେ ଦୋଳିରେ ତିନିଦିନ ଝୁଲିବେ ଦିଦି। ''ମାଆ କହୁଥିଲେ, ବଡ଼ରାସ୍ତା ଏପଟେ ଗଲେ ତାଙ୍କର କୁଆଡ଼େ ଭାରି ସୁବିଧାହେବ। ତାଙ୍କ ଘରର ମୂଲ୍ୟ ତିନିଗୁଣା ହୋଇଯିବ। '' ମାଆ କାନ୍ଦକାନ୍ଦ ହୋଇ ବାପାଙ୍କୁ କହୁଥିଲା।

ନିରୁ ଚୁପ୍ ହୋଇ ଠିଆ ହୋଇଥିଲା। ବାପାମାଆଙ୍କ କଥା କିଛି ବୁଝୁଥିଲା କିଛି ବୁଝିପାରୁ ନ ଥିଲା। ଏଠାଛାଡ଼ି ତାଙ୍କୁ ଆଉ କୁଆଡ଼େ ଯିବାକୁ ହେବ ବୋଧେ !! ତା' ପାଠପଢ଼ା , ସ୍କୁଲ ଯିବା ପ୍ରଶ୍ନବାଚୀ ହୋଇ ଝୁଲି ପଡ଼ିଥିଲା ତା' ଆଖି ଆଗରେ। କଳ୍ପନାର ଦୋଳିଟି ତା'ର ସ୍ଥିର ହୋଇ ରହିଯାଇଥିଲା ଗୋଟିଏ ଜାଗାରେ। ତାକୁ ପେଙ୍ଗାମାରି ଆକାଶ ଆଡ଼କୁ ଟାଣିନେବା ପାଇଁ ସାହସ କୁଳେଇପାରୁ ନ ଥିଲା ନିରୁ। କୁନିପୁଅ ରାହା ଧରି କାନ୍ଦୁଥିଲା। ମାଆର ପିନ୍ଧାଲୁଗାରେ ତିଆରି ଦୋଳିଟିକୁ ଝୁଲେଇଲା ସେ ଧୀରେ ଧୀରେ। ''ମୋ ଭାଇ ମୁଣ୍ଡରେ ସୁନାମୁକୁଟ ....'' ସ୍ୱର ତା'ର ଅସ୍ପଷ୍ଟ ଶୁଣାଯାଉଥିଲା ତା' ନିଜକୁ....।

– ଭୁବନେଶ୍ୱର


ମୋ:୯୯୩୦୮୨୭୪୮

# ଆଧାର

–ଆଶୁତୋଷ ଦାଶ

ଆକାଶରେ ଭାସୁଥିବା ବାଦଲ
ଗଛରେ ଫୁଟିଥିବା ଫୁଲ
ନୂଆ ଉଡ଼ା ଶିଖୁଥିବା ଚଢେଇ ଆଉ
ଅନ୍ଧାର ରାତିର ଛାତି ଚିରି
ଚିକ୍‌ମିକ୍ କରୁଥିବା ତାରାଫୁଲ
ଏମାନେ ବି ବୁଝନ୍ତି କି କବିତା !
ମୁଁ ବାଦଲଠୁ ବର୍ଷା ମାଗେ,
ଫୁଲଠୁ ସୁରଭି ଖୋଜେ
ଚଢେଇଠୁ ମନ ଖୋଜେ
ତାରାମାନଙ୍କୁ ପ୍ରେମ ମାଗେ !
କିନ୍ତୁ ଏମାନେ କେହି କେବେ
ଦିଅନ୍ତିନି କିଛି, କେବଳ
କେତେବେଳେ ଟୋପେ ବର୍ଷା,
ଉଡ଼ିବୁଲୁଥିବା କିଛି ବାସ୍ନା,
କିଛି ବିକଳ ମନ ହିଁ
ମୋତେ ଆନମନା କରେ, ତା' ଛଡା
ଆଉ କିଛି ମିଳେ ନାହିଁ ମୋତେ।
କିନ୍ତୁ ରାତି ପାହିବା ଆଗରୁ
ତାରାମାନେ ଲିଭିବା ଆଗରୁ
ଦେଇଯାଆନ୍ତି ମୁହୂର୍ତ୍ତେ ସପନ
ଯାହା ଆଧାରରେ
ଦି' ଧାଡି କବିତା ହିଁ ଲେଖେ।

–ନବାଟୀ ଶାସନ, ବାଲିପାଟଣା, ଖୋର୍ଦ୍ଧା
ମୋ: ୬୩୬୩୭୬୪୮୭୧



# ପୁଣି ଅପେକ୍ଷା...

ସତରେ ଅପେକ୍ଷା କରିବା ଭାରି କଷ୍ଟ। କାରଣ ଏହି ସମୟରେ ମନରେ ଅନେକ ଶଙ୍କା ଆଶଙ୍କା ଭରି ରହିଥାଏ। ଏହି ଅପେକ୍ଷା ଏବେ ସୋନାକ୍ଷୀ ସିହ୍ନା କରୁଛନ୍ତି। ଏମିତି ଆହୁରି କିଛିଦିନ ପର୍ଯ୍ୟନ୍ତ ବି ତାଙ୍କୁ ଅପେକ୍ଷା କରିବାକୁ ହେବ। ଅବଶ୍ୟ ଆଉ ଦିନ କେଇଟା ପରେ ତାଙ୍କର ଆଶା ପୂରଣ ହେବ। ହେଲେ ସେ ପର୍ଯ୍ୟନ୍ତ ସୋନାକ୍ଷୀ ସିହ୍ନା ଓରଫ ‘ଦବଙ୍ଗ ଗର୍ଲ’ଙ୍କୁ କେବଳ ଅପେକ୍ଷା ହିଁ କରିବାକୁ ପଡିବ। କଥା କ’ଣ କି ସୋନାକ୍ଷୀ ଅଭିନୟ କରିଥିବା ହିନ୍ଦୀ ସିନେମା ‘ନିକିତା ରୟ’ ଚଳିତ ମାସ ୨୬ରେ ପରଦା ଉପରକୁ ଆସିବ। ହେଲେ ପ୍ରଥମେ ଏହି ଚିତ୍ରଟି ଚଳିତ ବର୍ଷ ମେ’ ୩୦ରେ ରିଲିଜ ହୋଇଥାଆନ୍ତା। କିନ୍ତୁ କେତେକ କାରଣରୁ ଉକ୍ତ ତାରିଖକୁ ବାତିଲ କରାଯାଇଥିଲା। ସୋନାକ୍ଷୀ କହନ୍ତି,‘‘ଏହି ଫିଲ୍ମର କାହାଣୀରେ ରହସ୍ୟ, ରୋମାଞ୍ଚ ଭରି ରହିଛି। ଏହାର ଟାଇଟଲ ଭୂମିକାରେ ମୁଁ ଅଭିନୟ କରିଛି। ମୋ ବ୍ୟତୀତ ପରେଶ ରାଓ୍ୱଲ ଏବଂ ଅର୍ଜୁନ ରାମପାଲ ମଧ୍ୟ କାଷ୍ଟିଂରେ ଅଛନ୍ତି। ଫିଲ୍ମଟିର କାହାଣୀ ଏବଂ ପିକ୍ଚରାଇଜେଶନ ଯେପରି ହୋଇଛି ତାହା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି ଆଶା ରଖିଛି। ସେଥିପାଇଁ ଫିଲ୍ମଟିର ରିଲିଜ ଦିନକୁ ମୁଁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛି।’’ ଏହି ସିନେମାର ନିର୍ଦ୍ଦେଶନା ଦେଇଛନ୍ତି କୁଶ ସିହ୍ନା। ତେବେ ଫିଲ୍ମଟିରେ କି ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡିବ।


ସୋନାକ୍ଷୀ

# ଦିଶାଙ୍କ ଖୁସି

ଦିଶା ପଟାନିଙ୍କ ଖୁସି ଏବେ କହିଲେ ନ ସରେ। ସେ ବା କେମିତି ଖୁସି ହେବେନି କହୁ ନାହାନ୍ତି ? ଏହା ପଛରେ ନିଶ୍ଚୟ ସେଭଳି କିଛି କାରଣ ରହିଛି। ତା’ ସହ ଦିଶା ଏବେ ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଦେଲେଣି। କଥା କ’ଣ କି ବଲିଉଡ୍‌ରେ ବେଶ୍ କିଛି ବର୍ଷ ଅଭିନୟ କରିବା ପରେ ତାଙ୍କୁ ଏବେ ହଲିଉଡ୍‌ରେ ସୁଯୋଗ ମିଳିଛି। ଆଉ ସେ ଏଭଳି ଏକ ଚାନ୍ସକୁ କେମିତି ହାତଛଡା କରିବେ କହୁନାହାନ୍ତି ? ସେ ଅଭିନୟ କରୁଥିବା ପ୍ରଥମ ହଲିଉଡ୍ ସିନେମାର ଟାଇଟଲ ରହିଛି ‘ହୋଲିଗାର୍ଡସ୍’। ଏକ ସୁପର ନ୍ୟାଚୁରାଲ ଆକ୍ସନ ଥ୍ରୀଲର କାହାଣୀକୁ ନେଇ ଏହାକୁ ପ୍ରସ୍ତୁତ କରାଯାଉଛି। ସବୁଠାରୁ ଖାସ୍ କଥା ହେଲା, ଯିଏ ଏହାର ନିର୍ଦ୍ଦେଶନା ଦେବେ ସେ ପୂର୍ବରୁ ସମ୍ମାନଜନକ ଓସ୍କାର ପୁରସ୍କାର ବିଜୟୀ ହୋଇସାରିଛନ୍ତି। ଦୀର୍ଘ ୨୦ ବର୍ଷ ପରେ ସେ ପୁଣି ଥରେ ନିର୍ଦ୍ଦେଶନା କ୍ଷେତ୍ରକୁ ଓହ୍ଲାଇଛନ୍ତି। ସେ ହେଲେ କେଭିନ୍ ସ୍ୱାସି। ଏହି ଫିଲ୍ମର ଶୁଟିଂ ବର୍ତ୍ତମାନ ମେକ୍ସିକୋରେ ଚାଲୁ ରହିଛି। ଏଭଳି ସୁଯୋଗ ବିଷୟରେ ଦିଶା କହନ୍ତି, ‘‘ମୋର ଆଶା ଥିଲା ଦିନେ ନା ଦିନେ ମୁଁ ହଲିଉଡ୍‌ରେ ଏଣ୍ଟ୍ରି କରିବି। ଯାହାହେଉ ଶେଷରେ ତାହା ସଫଳ ହୋଇଛି। ଓସ୍କାର ପୁରସ୍କାର ବିଜେତା ନିର୍ଦ୍ଦେଶକ କେଭିନ୍ ସ୍ୱାସିଙ୍କ ଫିଲ୍ମରେ କାମ କରିବା ଆଦୌ ଛୋଟ କଥା ନୁହେଁ। ତେଣୁ ମୋତେ ମିଳିଥିବା ଭୂମିକାଟିକୁ ଠିକ୍ ଭାବରେ ତୁଲାଇବାକୁ ନିଶ୍ଚୟ ଚେଷ୍ଟା କରିବି।’’ ଏହି ଫିଲ୍ମରେ ଦିଶାଙ୍କ ବ୍ୟତୀତ ହଲିଉଡ୍‌ର କେତେଜଣ ପରିଚିତ ଅଭିନେତା-ଡଲ୍‌ଫ ଲଣ୍ଡଗ୍ରୀନ (‘ରକି ୪’, ‘ଦ ଏକ୍ସପେଣ୍ଡେବୁଲ’), ଟାଇରିସ୍ ଗିବସନ (‘ଫାଷ୍ଟ ଆଣ୍ଡ ଫ୍ୟୁରିୟସ’) ଏବଂ ବ୍ରିନାନା ହିଲଡିବ୍ରାଣ୍ଡ (‘ଡେଡ୍‌ପୁଲ୍’, ‘ଲୁସିଫର’) ମଧ୍ୟ ଅଭିନୟ କରୁଛନ୍ତି।



# କ୍ୱାଇଁ ପୁଅର ଜୀବନ ବୀମା

ଓଡିଶାର ଅନ୍ୟତମ ଦର୍ଶକାଦୃତ ତଥା ମନୋରଞ୍ଜନଭିତ୍ତିକ ଚ୍ୟାନେଲ ଜୀ ସାର୍ଥକ ଦର୍ଶକଙ୍କୁ ସବୁବେଳେ ତାଙ୍କର ନିଜ ମନ ପସନ୍ଦର ଫିଲ୍ମ ଭେଟି ଦେଇ ଆସିଛି । ସେହିପରି ଏକ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ଚଳଚ୍ଚିତ୍ର ‘କ୍ୱାଇଁ ପୁଅର ଜୀବନ ବୀମା’। ଆଜି ଅର୍ଥାତ୍ ଜୁନ୍ ୮ରେ ଏହି ଫିଲ୍ମ ସନ୍ଧ୍ୟା ୬:୩୦ରେ ଏହି ଚ୍ୟାନେଲରେ ପ୍ରସାରିତ ହେବାକୁ ଯାଉଛି। ସମୟ ବେଳେ ବେଳେ କେମିତି କାହା ସାଙ୍ଗରେ ଖେଳେ ତାହାର ଉଦାହରଣ ଦେଖିବାକୁ ମିଳିବ ଏହି ଫିଲ୍ମରେ । ରାଜ୍, ଜଣେ ଧନୀ କିନ୍ତୁ ଭାବପ୍ରବଣ ବ୍ୟକ୍ତି ଭାବରେ ସମସ୍ତଙ୍କ ଠାରୁ ପରିତ୍ୟକ୍ତ। ଅନ୍ୟପକ୍ଷରେ ଦାସ ହେଉଛନ୍ତି ଜଣେ ଋଣଗ୍ରସ୍ତ ବୀମା ଏଜେଣ୍ଟ। ସଂଯୋଗବଶତଃ ଏକ ହିଲ୍ ଷ୍ଟେସନ ଉପରେ ଦୁହିଁଙ୍କର ଭେଟ ହୁଏ। ଜୀବନ ସଂଘର୍ଷରେ ନିଜକୁ ପଛରେ ପାଇ ଉଭୟେ ସେଇ ପାହାଡ଼ ଉପରୁ ଡେଇଁ ନିଜ ଜୀବନକୁ ଶେଷ କରିବାକୁ ଯୋଜନା କରନ୍ତି। ତେବେ ଏଇଠୁ ଆରମ୍ଭ ହୁଏ କାହାଣୀରେ ଟ୍ୱିଷ୍ଟ। ଏଭଳି ନିଷ୍ପତ୍ତି ପଛରେ ଆଉ କିଛି କାରଣ ଅଛି କି ? ପରବର୍ତ୍ତୀ ସମୟରେ ଦୁହେଁ ମନରେ ପରିବର୍ତ୍ତନ ଆଣୁଛନ୍ତି କି ? ଏଭଳି ଅନେକ ପ୍ରଶ୍ନର ଉତ୍ତର ଏହି ସିନେମାଟିକୁ ଦେଖିଲେ ହିଁ ପାଇପାରିବେ। ଉକ୍ତ ଚିତ୍ରଟିର ପ୍ରଯୋଜନା କରିଛନ୍ତି ଓଲିଉଡ୍‌ର ଅନ୍ୟତମ ଆଗଧାଡିର ପ୍ରଯୋଜକ ବିଜୟ କାଣ୍ଡୋଇ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ରାଶେସ ମହାନ୍ତି (ସିଲୁ)। ଚଳଚ୍ଚିତ୍ରରେ ମୁଖ୍ୟ ନାୟକ ଭାବରେ ସନ୍ଦୀପ ଓ ନାୟିକା ଭାବରେ ମିତାଲି ଅଭିନୟ କରିଥିବା ବେଳେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ରୋଲ୍‌ରେ କେକେ ଏବଂ ରବି ମିଶ୍ର ଦେଖିବାକୁ ମିଳିବେ। ଡା. ନିର୍ମଳ ନାୟକ ଏବଂ ସୂର୍ଯ୍ୟ ମହାପାତ୍ରଙ୍କ ରଚିତ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ବରିଷ୍ଠ ସ୍ୱର ସଂଯୋଜକ ଗୁଡଲି ରଥ। କଣ୍ଠଦାନ କରିଛନ୍ତି ତାରିକ ଅଜିଜ, ଲିପ୍ସା ମହାପାତ୍ର, ଅସୀମା ପଣ୍ଡା ଏବଂ ହ୍ୟୁମାନ ସାଗର। ଏହି ଫିଲ୍ମଟି ମୂଳରୁ ଶେଷ ପର୍ଯ୍ୟନ୍ତ ସମସ୍ତ ଦର୍ଶକଙ୍କ ମଧ୍ୟରେ ନିଶ୍ଚୟ ଆଦୃତ ହେବ । ହସ, କାନ୍ଦ ଓ ସସ୍‌ପେନ୍ସ ଭରା ଏହି ଚଳଚ୍ଚିତ୍ରକୁ ଦେଖିବା ସହିତ ଭଲପାଇବା ଦେବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର୍ ପ୍ରତୀକ ସିଲ।


ସନ୍ଦୀପ-ମିତାଲି

# ଅଫର୍‌କୁ ଅପେକ୍ଷା

ଭିକି କୌଶଲ ଅଭିନୟରେ କେତେ ଦକ୍ଷ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ‘ଉରି’ ଫେମ୍ ଏହି ଅଭିନେତା ଇତି ମଧ୍ୟରେ ବେଶ୍ କେତୋଟି ହିଟ୍ ଫିଲ୍ମରେ ଅଭିନୟ କରିସାରିଲେଣି। ବର୍ତ୍ତମାନ ସେ ଏକ ଖାସ୍ ଅଫରକୁ ଚାହିଁ ବସିଛନ୍ତି। କାରଣ ଏହି ରୋଲ୍ ପାଇଁ ତାଙ୍କ ନାମକୁ ନେଇ ବଲିଉଡ୍‌ରେ ଚର୍ଚ୍ଚା ହେଉଛି। ଏକଥା ଯେତେବେଳେ ସେ ଜାଣିବାକୁ ପାଇଲେ ଭିକି ଆହୁରି ଆଗ୍ରହୀ ହୋଇପଡିଛନ୍ତି। ହେଲେ ପ୍ରଯୋଜନା ସଂସ୍ଥା ପକ୍ଷରୁ ଏହି ବିଷୟରେ ବିଧିବଦ୍ଧ ଘୋଷଣା କରାଯାଇ ନ ଥିଲେ ମଧ୍ୟ ଭିକି ହିଁ ଏହି ଫିଲ୍ମର ନାୟକ ସାଜିବେ ବୋଲି ଜଣାପଡିଛି। ହଁ, ବଲିଉଡ୍‌ର ବିଶିଷ୍ଟ ଅଭିନେତା ଗୁରୁ ଦତ୍ତଙ୍କ ଜୀବନୀକୁ ନେଇ ଏକ ବାୟୋପିକ ନିର୍ମିତ ହେବାକୁ ଯାଉଛି। ଆଉ ଏହାର ଟାଇଟଲ ଭୂମିକାରେ ଭିକି ଅଭିନୟ କରିବେ ବୋଲି ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଭିକି କହନ୍ତି, ‘‘ଯଦି ଏଭଳି ସୁଯୋଗ ମୋତେ ମିଳେ ତାହା ମୋ ପାଇଁ ସବୁଠାରୁ ସୌଭାଗ୍ୟର କଥା ହେବ। ତେବେ ପ୍ରଯୋଜନା ସଂସ୍ଥା ପକ୍ଷରୁ ଏ ନେଇ ଫାଇନାଲ ସୂଚନା ମିଳିଲା ପରେ ହିଁ ଯାହା ହେବ। ଯଦିଓ ମୋର ଏବେ ବିଜି ସିଡ୍ୟୁଲ ଚାଲିଛି, ତଥାପି ଏହି ଅଫର ମିଳିଲେ ମୁଁ ତାହା ଭିତରୁ ନିଶ୍ଚୟ ସମୟ ବାହାର କରିବି।’’ ନିକଟରେ ତାଙ୍କ ଅଭିନୀତ ‘ଛାଓ୍ୱା’ ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଥିଲା। ଅନ୍ୟପକ୍ଷରେ ସେ ଏବେ ସଞ୍ଜୟ ଲୀଲା ଭଁସାଲିଙ୍କ ଆଗାମୀ ଫିଲ୍ମ ‘ଲଭ୍ ଆଣ୍ଡ ଓ୍ୱାର’ ପାଇଁ ପ୍ରସ୍ତୁତ ହେଉଛନ୍ତି।


ଭିକି

# ନୁସରତଙ୍କ ଟିପ୍ସ

ନୁସରତ ଭରୁଚା ଏବେ ନିଜକୁ ଗୋଟିଏ କାମରେ ନିୟୋଜିତ ରଖିଛନ୍ତି। ଏକଥା ଜାଣିବା ପରେ ଯେ କେହି ବି ତାଙ୍କର ଏଭଳି ଉଦ୍ୟମକୁ ପ୍ରଶଂସା ନ କରି ରହି ପାରିବେ ନାହିଁ। ସେ ବର୍ତ୍ତମାନ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ। ହେଲେ କ’ଣ ପାଇଁ ସେ ଟିପ୍ସ ଦେଉଛନ୍ତି ? ଜଣେ ନାରୀ କିପରି ଅସୁବିଧା ସମୟରେ ନିଜର ସୁରକ୍ଷା କରିପାରିବ ସେ ନେଇ ସେ କହି ବୁଲୁଛନ୍ତି। ଏ ବିଷୟରେ ନୁସରତ କହନ୍ତି, ‘‘ବର୍ତ୍ତମାନ ଯୁବତୀ ହେଉ ଅବା ବିବାହିତା, ନିଜର ସୁରକ୍ଷା ନେଇ ସତର୍କ ହେବା ନିହାତି ଦରକାର। କାରଣ ସମାଜରେ ଆଣ୍ଟି ସୋସିଆଲ ଆକ୍ଟିଭିଟିଜ ବଢ଼ିଯାଇଛି। ତେଣୁ ଏଥିରୁ କିପରି ନିଜକୁ ରକ୍ଷା କରିହେବ ସେ ନେଇ ସଚେତନ ରହିବା ଦରକାର। ନିକଟରେ ଏ ବିଷୟରେ ସେ ତାଙ୍କର କେତେ ଜଣ ସାଙ୍ଗଙ୍କୁ ଟିପ୍ସ ଦେଇଥିଲେ। ବିଶେଷଭାବରେ ଆତ୍ମସୁରକ୍ଷା କୌଶଳ ଶିଖିବା ସହ ଯୁବତୀମାନେ ମାର୍ଶଲ ଆର୍ଟ ପ୍ରଶିକ୍ଷଣ ନେବା ଦରକାର। ମୁଁ ଏହାକୁ ଶିଖିବା ପରେ ଅସୁବିଧା ସମୟରେ କିଛି ନ ହେଲେ ନିଜକୁ ଅନେକାଂଶରେ ରକ୍ଷା କରିପାରିବି ବୋଲି ଦୃଢ଼ ବିଶ୍ୱାସ ରହିଛି। ତେଣୁ ମୋର କେତେ ଜଣ ଅନ୍ତରଙ୍ଗ ବାନ୍ଧବୀଙ୍କୁ ଏ ନେଇ ଟିପ୍ସ ଦେଇଥିଲି। ସେମାନଙ୍କ ମଧ୍ୟରୁ କେତେଜଣ ଏବେ ମାର୍ଶଲ ଆର୍ଟ ଶିଖିବାକୁ ଆଗ୍ରହ ପ୍ରକାଶ କଲେଣି।’’ ନୂସରତଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୦୬ରେ। ଆଉ ଫିଲ୍ମଟିର ଟାଇଟଲ ଥିଲା ‘ଜୟ ସନ୍ତୋଷୀ ମା’। ତାଙ୍କ ଅଭିନୀତ ଶେଷ ଫିଲ୍ମଟି ହେଉଛି ‘ଛୋରି ୨’।


ନୁସରତ

# ପ୍ରେମ ପାଇଁ ଟେନ୍‌ସନ୍

ତାରା ସୁତାରିଆଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। କାରଣ ସେ କୁଆଡେ ଏବେ ରୋମାନ୍ସରେ ମସଗୁଲ। ବୀର ପହାରିୟାଙ୍କ ସହ ତାଙ୍କର କୁଆଡେ ଏବେ ଚକ୍କର ଚାଲିଛି। ବୀରଙ୍କୁ ଦର୍ଶକ ନିକଟରେ ଅକ୍ଷୟ କୁମାରଙ୍କ ଅଭିନୀତ ‘ସ୍କାଏ ଫୋର୍ସ’ରେ ଦେଖିବାକୁ ପାଇଥିଲେ। ଏକ କାର୍ଯ୍ୟକ୍ରମରେ ଦୁହିଁଙ୍କ ଭିତରେ ପ୍ରଥମେ ସାକ୍ଷାତ ହୋଇଥିଲା । ଆଉ ଏବେ ଏହା ପ୍ରେମର ରୂପ ନେଇଛି ବୋଲି ଆଲୋଚନା ହେଉଛି। ଯେତେବେଳେ ଏଭଳି କଥା ବିଷୟରେ ତାରା ସୂଚନା ପାଇଲେ ସେ ବା କେମିତି ଚୁପ୍ ହୋଇ ବସି ରହିବେ କହୁନାହାନ୍ତି ? ଶେଷକୁ ବାଧ୍ୟ ହୋଇ ଏ ବିଷୟରେ ମୁହଁ ଖୋଲି କହିଛନ୍ତି, ‘‘ଆପଣମାନେ ଯାହା ଶୁଣୁଛନ୍ତି ତାହା ପଛରେ ଟିକିଏ ହେଲେ ସତ୍ୟତା ନାହିଁ। ୟା’ ଭିତରେ ମୋ ନାମ ସହିତ ଆଉ କେତେ ଜଣଙ୍କ ନାମକୁ ଯୋଡା ସରିଛି। ହେଲେ ସେସବୁ ଭୁଲ ବୋଲି ପ୍ରମାଣିତ ହୋଇ ସାରିଛି। ଏବେ ଯେଉଁ କଥା ନେଇ ଆଲୋଚନା ହେଉଛି ତାହାକୁ କେହି ବିଶ୍ୱାସ ନ କରିବାକୁ ମୁଁ ଅନୁରୋଧ କରୁଛି। ଏବେ ମୋ ମନରେ କେବଳ ଗୋଟିଏ କଥା ରହିଛି। କେମିତି ମୋ କ୍ୟାରିୟରକୁ ନୂଆ ରୂପ ଦେବି। ତେଣୁ ସେ ନେଇ ମୁଁ ସବୁବେଳେ ଚିନ୍ତା କରୁଛି। ଏଭଳି ପ୍ରେମ କଥାକୁ ମୁଁ ଅଧିକ ତର୍ଜମା କରିବା ଠିକ୍ ନୁହେଁ।’’ ତାରାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା କରନ୍ ଜୋହରଙ୍କ ‘ଷ୍ଟୁଡେଣ୍ଟ ଅଫ ଦ ଇୟର ୨’ରୁ। ଏହାପରେ ସେ ଅଭିନୟ କରିଥିବା ସିନେମାଗୁଡିକ ହେଉଛି- ‘ମରଜାଓ୍ୱାଁ’, ‘ତଡପ’, ‘ହୀରୋପନ୍ତୀ ୨’, ‘ଏକ ଭିଲେନ୍ ରିଟର୍ନସ’ ଏବଂ ‘ଅପୂର୍ବା’। ବର୍ତ୍ତମାନ ସେ ଏକ କାନାଡା-ଇଂରାଜୀ ଫିଲ୍ମ ‘ଟକ୍ସିକ ଏ ଫ୍ୟାରି ଟେଲ୍ ଫର୍ ଗ୍ରୋନ୍ ଅପସ’ରେ ଅଭିନୟ କରୁଛନ୍ତି।


ତାରା

# ମନକୁ ଘାରିଲେ ପ୍ରେମର ନିଶା, ଜଣା ପଡେନାହିଁ ମିଠା କି କଷା

**ପ୍ରଶ୍ନ–** ମୁଁ ଜଣେ ଝିଅକୁ ଭଲ ପାଉଛି। ହେଲେ ସେ ମୋତେ ଭଲ ପାଉଛି କି ନାହିଁ ସେ ନେଇ କନଫର୍ମ ନୁହେଁ। ଏବେ କ'ଣ କରିବି ?

*–ଅମର କୁମାର ଦାସ, ଯାଜପୁର*

**ଉତ୍ତର :** ପ୍ରେମ ନିଶା ଥରେ ଯଦି ମୁଣ୍ଡକୁ ଚଢ଼ିଯାଏ, ତେବେ ତାହା କେତେ ଗାଢ଼ ନିଜେ ଜାଣିପାରିବେ। ଆଉ ଏହି ନିଶା ଯେତେବେଳେ ଆହୁରି ବହଳ ହୋଇଯାଏ ସେତେବେଳେ କିଛି ଜଣାପଡି ନ ଥାଏ। 'ମନକୁ ଘାରିଲେ ପ୍ରେମର ନିଶା, ଜଣାପଡେ ନାହିଁ ମିଠା କି କଷା।' କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା କେତେବେଳେ ଭସା ବାଦଲ ପରି ଦୂରକୁ ଚାଲିଯିବ ତାହା ଜାଣିପାରିବେ ନାହିଁ। ପ୍ରଥମେ ଯାହାକୁ ଭଲ ପାଉଛନ୍ତି ସେପଟୁ ଗ୍ରୀନ୍ ସିଗ୍ନାଲ ଅଛି କି ନାହିଁ ଭଲ ଭାବରେ ଚେକ୍ କରି ନିଅନ୍ତୁ। ନ ହେଲେ ଆପଣଙ୍କ ବ୍ରେକ୍‌ଲେସ୍ ପ୍ରେମ ଗାଡି କେତେବେଳେ କେଉଁଠି ଆକ୍ସିଡେଣ୍ଟ ହୋଇ ଚୁରମାର ହୋଇଯିବ ତାହା ନିଜେ ଜାଣିପାରିବେ ନାହିଁ। ତେଣୁ ବେଳ ଥାଉ ସାବଧାନ ହୋଇ ପାଦ ରଖନ୍ତୁ।

**ପ୍ରଶ୍ନ–** ଜଣେ ଝିଅ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*–ପ୍ରସନ୍ନ କୁମାର, ଭୁବନେଶ୍ୱର*

**ଉତ୍ତର :** ସବୁ କଥା କ'ଣ ସହଜରେ କହି ହୁଏ ? ସେ ପୁଣି ମନର କଥା। ତାକୁ କହିବା ବେଳେବେଳେ ଅତି ସହଜ। ଆଉ କେବେ କହିବାକୁ ହେଲେ ତଣ୍ଟି ପାଖରେ ମାଛ କଣ୍ଟା ଅଟକିଲା ଭଳି ଅଟକିଯାଏ। ତେବେ ସମଝଦାର ଆଦମୀ କୋ ଇସାରା କାଫି ହୈ। ଯଦି ସେ କଥା ନ କହି କିଛି ଇସାରା ଦେଉଛି ତାକୁ କ୍ୟାଚ୍ କରି ତର୍ଜମା କରନ୍ତୁ। ନ ହେଲେ ନେଡି ଗୁଡ କହୁଣୀକୁ ବୋହିଗଲେ କେବଳ ବସି ଭାବୁଥିବେ।

**ପ୍ରଶ୍ନ–** ମୋ ପ୍ରେମିକାକୁ ନେଇ ମୁଁ ଅନେକ କବିତା ଲେଖିଛି। ହେଲେ ସେଗୁଡିକୁ ସେ ପ୍ରଶଂସା କରୁନାହିଁ। କ'ଣ କରିବି ?

*–ସୁମନ, ରାଉରକେଲା*

**ଉତ୍ତର :** ଆପଣଙ୍କ ଭିତରେ କବିତା ଲେଖିବାର ପ୍ରତିଭା ଅଛି–ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ। ହେଲେ ଆପଣଙ୍କ ପ୍ରେମିକା ମଗଜରେ ସେକଥା ପଶିବା ଦରକାର। ସେ ହୁଏତ ଭାବୁଥିବ ଯେ, ଆପଣ ଏମିତି କିଛି କବିତା ଲେଖୁଛନ୍ତି। ତେଣୁ ନିଜେ ଜଣେ କବି ଆଉ ସୁନ୍ଦର ପ୍ରେମ କବିତା ଲେଖିବାରେ ପଟୁତା ରହିଛି ବୋଲି ସେପରି ବିଶ୍ୱାସ ପ୍ରଥମେ ପ୍ରେମିକା ମନରେ ସୃଷ୍ଟି କରନ୍ତୁ। ତା'ପରେ ହୁଏତ ସେ ଆପଣଙ୍କ ରଚିତ କବିତାଗୁଡ଼ିକୁ ପଢ଼ିବାକୁ ଚେଷ୍ଟା କରିବେ।

**ପ୍ରଶ୍ନ–** ମୁଁ କଲେଜରେ ପଢ଼ିବା ସମୟରେ ଜଣେ ଝିଅ ପ୍ରେମରେ ପଡ଼ିଯାଇଥିଲି। ଏବେ ସେ ମୋ ସହ କଥା ହେଉଛି ହେଲେ ମୋ ସାଙ୍ଗକୁ ପ୍ରେମ କରୁଛି। ମୁଁ କ'ଣ କରିବି ? *–ଦେବାଶିଷ, ଅନୁଗୋଳ*

**ଉତ୍ତର :** କଲେଜ ସମୟରେ ପ୍ରେମ ରାସ୍ତାରେ କେତେବେଳେ ପାଦ ଖସିଯାଏ ତାହା ଜଣାପଡି ନ ଥାଏ। କାରଣ ସେତେବେଳେ ମନ ସତେ ଯେମିତି ଖୁବ୍ ସ୍ପିଡ୍‌ରେ ଉଡୁଥାଏ। ଯଦି ସେ ଝିଅଟିକୁ ପ୍ରେମ କରି ବସିଲେ, ସେ ଆପଣଙ୍କୁ ପ୍ରେମ କରୁଥିଲା ତ ? ଯଦି ନା, ତେବେ ଧରି ନିଅନ୍ତୁ ଏତେ ଦିନ ଧରି ଆପଣ ମରିଚିକା ପଛରେ ଗୋଡାଉଥିଲେ। ଯଦି ଆପଣଙ୍କ ପ୍ରେମରେ ଦୁହିଁଙ୍କର ସମ୍ମତି ଥିଲା ଆଉ ଏବେ ସେ ସେହି ପ୍ରେମିକା ଆପଣଙ୍କ ସାଙ୍ଗକୁ ପ୍ରେମ କରୁଛି ବୋଲି କହୁଛନ୍ତି, ତେବେ କାହା ପଛରେ କେତେ ସତ୍ୟତା ଥିଲା ପ୍ରଥମେ ଜାଣନ୍ତୁ। ଯଦି ଆପଣଙ୍କ ପ୍ରେମର ଦି ଏଣ୍ଡ ହୋଇ ସାରିଲାଣି ବୋଲି ଜାଣିଦେଲେଣି ତେବେ ସେହି ପୁରୁଣା ଘା'କୁ ନ ଉଖୁଡ଼ାଇ ସେହି ଚାପ୍ଟରକୁ ଶୀଘ୍ର କ୍ଲୋଜ କରିଦେବା ବୁଦ୍ଧିମାନର କାମ ହେବ।

**ପ୍ରଶ୍ନ–** ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ସେ ଶୁଣି ହସି ଦେଉଛି। ହେଲେ ଘଟଣା ଆଗକୁ ଆଗଉ ନାହିଁ। କ'ଣ କରିବି ?

*–ବିଶ୍ୱାସ ଗୁରୁ, ସୋନପୁର*

**ଉତ୍ତର :** ଆପଣଙ୍କ ପ୍ରେମରେ କେଉଁଠି ଗୋଟେ କେଁ ରହିଯାଉଛି। ଯାହା ଜଣାପଡୁଛି, ଦୁଇ ପଟରୁ ଗ୍ରୀନ୍ ସିଗନାଲ ରହିଛି। ତଥାପି ଆପଣଙ୍କ ପ୍ରେମର ଗାଡି ଗୋଟିଏ ଜାଗାରେ ଠିଆ ହୋଇଛି। ଯେତେଶୀଘ୍ର ସମ୍ଭବ ତାହାର କାରଣ ଖୋଜନ୍ତୁ। ନ ହେଲେ ଦିନ ଆସିବ, ସେଭଳି ପ୍ରେମ, ସ୍ୱାଦହୀନ ଓ ରଙ୍ଗହୀନ ହୋଇଯିବ।

ସାଥୀ



## ପ୍ରଥମ ରୋଜଗାର

# ପ୍ରଥମ ରୋଜଗାରର ପୁଲକ ଅନୁଭବ କରିପାରି ନ ଥିଲି

ସାହିତ୍ୟିକା **ରୋଜାଲିନି ମିଶ୍ର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...




**ସେ**ତେବେଳେ ମୁଁ ପଞ୍ଚମ ଶ୍ରେଣୀରେ ପଢୁଥାଏ। ପ୍ରାଚୀନ କଳାକେନ୍ଦ୍ର, ଚଣ୍ଡୀଗଡ଼ ୟୁନିଭରସିଟିରେ ବିଧିବଦ୍ଧ ଭାବେ ଓଡିଶୀ ସଙ୍ଗୀତ ଶିଖୁଥାଏ ମୁଁ ସେଇ ସମୟରେ। ନନା ମୋର ଜଣେ ସଙ୍ଗୀତପ୍ରେମୀ ମଣିଷ। ପେଶାରେ ସେ ଜଣେ ଶିକ୍ଷକ, ନିଶାରେ କିନ୍ତୁ ସେ ସଙ୍ଗୀତଜ୍ଞ। ସେ ନିଜେ ଲେଖନ୍ତି, ବୋଲନ୍ତି ଆଉ ବିଭିନ୍ନ ପ୍ରକାର ବାଦ୍ୟ ମଧ୍ୟ ବଜେଇ ଜାଣନ୍ତି। ବଂଶୀ ବି ବଢ଼ିଆ ବଜେଇ ପାରନ୍ତି ନନା। ଘରେ ଆମର ବହୁତ ପ୍ରକାରର ବାଦ୍ୟଯନ୍ତ୍ର ସବୁ ଥାଏ। ହାରମୋନିୟମ, କିବୋର୍ଡ ଠାରୁ ଆରମ୍ଭ କରି ଡୁବି ତବଲା, ବଂଶୀ ଯାଏ। ଏବେ ମଧ୍ୟ ଅଛି ସବୁ ଘରେ। ତେଣୁ ନିୟମିତ ଅଭ୍ୟାସ କାରଣରୁ ଭାରି ସୁନ୍ଦର କଣ୍ଠଟି ଥିଲା ମୋର ସେତେବେଳେ। ଓଡିଶୀ ଗୀତ, ଛାନ୍ଦ, ରାଗ, ଗୀତଗୋବିନ୍ଦ ଆଦି ସୁନ୍ଦର ଭାବରେ ଗାଇ ପାରୁଥିଲି। ନନା ଚାହୁଁଥିଲେ ମୁଁ ସଙ୍ଗୀତରେ ଖୁବ ଆଗକୁ ଯାଏ। ସେଥିପାଇଁ ତାଙ୍କ ଜାଣିବା ଭିତରେ ଯେଉଁଠି ବି କିଛି ଗୀତ ପ୍ରତିଯୋଗିତା ହୁଏ କିମ୍ବା ମେଲୋଡି ହୁଏ ସେ ମୋତେ ସାଙ୍ଗରେ ନେଇକି ଯାଆନ୍ତି ଗାଇବା ପାଇଁ। ଥରେ ଏମିତି ଏକ କାର୍ଯ୍ୟକ୍ରମରେ ମୁଁ ଓଡିଶୀ ଗୀତଟିଏ ଗାଇଥିଲି। ଗୀତଟି ଥିଲା ''ମିତ ଚାହାଁ ଏ ପରା.... ବ୍ରଜ ଯୁବତୀମାନଙ୍କ ଚିତ୍ତଚୋରା ...''। ଆଖି ବୁଜି ଏକା ଲୟରେ ଗାଇ ଚାଲିଥିଲି ମୁଁ। ଗୀତ ସାରି ଆଖି ଖୋଲି ଚାହିଁଲି ତ କରତାଳିରେ ଫାଟି ପଡୁଥିଲା ସଭା। ସେଦିନ ଜଣେ ଶ୍ରୋତା ମୋ ଗୀତରେ ମୁଗ୍ଧ ହୋଇ ମୋତେ ପୁରସ୍କୃତ କରିଥିଲେ ୫୧ ଟଙ୍କାରେ। ଏହା ଥିଲା ୧୯୯୩ ମସିହାର କଥା। ୫୧ ଟଙ୍କା ଖୁବ ବଡ଼ ଥିଲା ମୋ ପାଇଁ। ସେ ବୟସରେ ମୋର ଟଙ୍କା ପ୍ରତି ସେମିତି କିଛି ଆସକ୍ତି ନଥିଲା କିମ୍ବା ସଞ୍ଚୟ ପ୍ରତି କୌଣସି ଆଗ୍ରହ ନଥିଲା। ତେଣୁ ଷ୍ଟେଜ୍‌ରୁ ଓହ୍ଲେଇ ଆସିଲା ପରେ ସେ ଟଙ୍କାକୁ ମୁଁ ନନାଙ୍କ ହାତକୁ ବଢେଇ ଦେଇଥିଲି ଆଉ ଭୁଲି ଯାଇଥିଲି ଯେ ସେଇଟା ମୋର ପ୍ରଥମ ରୋଜଗାର ଥିଲା ବୋଲି। ତା' ପରବର୍ଷ ମୋର ଗୋଟିଏ ଟିଭି କାର୍ଯ୍ୟକ୍ରମ ଥିଲା ଡିଡି ନ୍ୟାସନାଲରେ। ଏସ୍. ଆଇ. ଇ. ଟି କାର୍ଯ୍ୟକ୍ରମରେ ମୁଁ ଥିଲି ଜଣେ ଛାତ୍ରୀ ଭୂମିକାରେ। ସେଠାରୁ ଦୂରଦର୍ଶନ ତରଫରୁ କିଛି ପାରିଶ୍ରମିକ ମୋତେ ମିଳିଥିଲା ଶିଶୁ କଳାକାର ହିସାବରେ। ଦେଢ଼ଶହ କି ଦୁଇଶହ ଟଙ୍କା ଏବେ ମନେ ପଡୁନି ଆଉ ଠିକ୍‌ରେ। ମୋର କିନ୍ତୁ ସେ ପାରିଶ୍ରମିକରେ କିଛି ମତଲବ ନଥିଲା। ଦୂରଦର୍ଶନ କେନ୍ଦ୍ରରୁ ଫେରିବା ବାଟରେ ନନା ମୋତେ ଚାଟ୍ ଖୁଆଇଥିଲେ। ମୋ ମନ ସେତିକିରେ ଖୁସି। ଆହୁରି ପୁଣି ମୁଁ ଟିଭିରେ ବାହାରିବି ଆଉ ମୋର ସାଙ୍ଗସାଥୀମାନେ ମୋତେ ଦେଖିବେ ଏ କଥା ଭାବି ମନ ମୋର ଗଗନରେ ଉଡୁଥିଲା। ଟଙ୍କା ମୋର କ'ଣ ହେବ!! ତେଣୁ ସେ ପଇସା ବି ରହିଗଲା ନନାଙ୍କ ପାଖରେ। ମୋର ପ୍ରଥମ ରୋଜଗାର ମୋ ପାଖକୁ ଏତେ କମ୍ ବୟସରେ ଆସିଥିଲା ଯେ, ତା'ର ପୁଲକ ମୁଁ ଜାଣିପାରି ନଥିଲି ସେତେବେଳେ। ତେବେ ପ୍ରଥମ ରୋଜଗାରର ପୁଲକ ମୁଁ ଜାଣିଲି ସେତେବେଳେ, ଯେତେବେଳେ ଏଇ ଲେଖାଲେଖିରୁ କିଛି କିଛି ପାରିଶ୍ରମିକ ମୁଁ କେବେ କେମିତି ପାଇଲି। ଲେଖାଲେଖିରୁ ପ୍ରଥମ କରି ମୁଁ ପାଇଥିଲି ହଜାରେ ଟଙ୍କା ''ପ୍ରତିଲିପି''ରୁ ; ଯାହାକି ଥିଲା ଗୋଟିଏ ଗଳ୍ପ ପ୍ରତିଯୋଗିତାର ପୁରସ୍କାର ରାଶି। ତା'ପରଠୁ ଏଇ ଗଳ୍ପ ଲେଖାରୁ ମୁଁ ଅନ୍ୟାନ୍ୟ କିଛି ସଂସ୍ଥାରୁ ମଧ୍ୟ ପୁରସ୍କାର ରାଶି କିଛି କିଛି ପାଇଲି। ଏଇ ନିକଟ ଅତୀତରେ ''ସୃଜନୀ''ରେ ପ୍ରକାଶିତ ଗଳ୍ପଟିଏ ପାଇଁ ତା'ର ସମ୍ପାଦକ ମୋତେ ମୋର ପାରିଶ୍ରମିକ ଅର୍ଥ ଏଗାର ଶହ ଟଙ୍କା ସସମ୍ମାନେ ପଠେଇଛନ୍ତି। ଯେଉଁମାନେ ମୋ ଲେଖାକୁ ସମ୍ମାନ ଦେଇଛନ୍ତି ସେମାନଙ୍କ ପାଖରେ ମୁଁ କୃତଜ୍ଞ। କିନ୍ତୁ ''ପ୍ରତିଲିପି''ରୁ ପାଇଥିବା ଅର୍ଥରାଶି ମୋତେ ପ୍ରଥମ ପୁଲକର ଅନୁଭବ ଦେଇଥିଲା। ସେ ଟଙ୍କାରେ ମୁଁ କିଛି ଗଳ୍ପ ବହି ଆଉ ଗୋଟିଏ ଉପନ୍ୟାସ କିଣିଥିଲି। ପାଖରେ ଖର୍ଚ୍ଚ କରିବାକୁ ଯେତେ ଟଙ୍କା ଥାଉନା କାହିଁକି ନିଜ ପାରିଶ୍ରମିକଟା ଅଳ୍ପ ହେଲେ ବି ଢେର ମୂଲ୍ୟବାନ ଲାଗେ ଆଉ ସେଥିରୁ ଗୋଟେ ଆତ୍ମସନ୍ତୋଷ ମିଳେ।

ଏମାନେ ଏମିତି ଦୁଇଟି ପରିବାର ଯେଉଁ ପରିବାରର ମୁଖ୍ୟଙ୍କ ସହ ପରିବାରର ଅନ୍ୟମାନେ ମଧ୍ୟ ରକ୍ତଦାନକୁ ନିଜ ଜୀବନର ବ୍ରତ କରିଛନ୍ତି...

# ରକ୍ତଦାତା ପରିବାର




**ଗୋପୀମୋହନଙ୍କ ପଥରେ ତାଙ୍କ ପରିବାର:** ରକ୍ତଦାନ କରିବା ଏକ ମହତ କାର୍ଯ୍ୟ, ଏଥିରେ ଈଶ୍ୱରଙ୍କ କୃପା ମିଳେ। ଏକଥା ଚିନ୍ତା କରି ସେ ରକ୍ତଦାନ କରି ଲୋକଙ୍କ ଜୀବନ ବଞ୍ଚାଇବାର ପଣ କରିଥିଲେ। ସେ ହେଲେ **ଗୋପୀମୋହନ ପଟ୍ଟନାୟକ**। ୧୯୮୩ ମସିହାରେ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ଶାରୀରିକ ଶିକ୍ଷା ଅଧିକାରୀ ଭାବେ ନିଯୁକ୍ତି ପାଇଥିଲେ। ତାଙ୍କର ଜୀବନକାଳ ମଧ୍ୟରେ ପ୍ରାୟ ୧୭୨ ଥର ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିସାରିଲେଣି। ଏବେ ପରିଣତ ବୟସରେ ଅନ୍ୟମାନେ କିପର ରକ୍ତଦାନ କରିପାରିବେ ସେଥିପାଇଁ ଜନସଚେତନତା କରୁଛନ୍ତି। ସେ କୁହନ୍ତି, 'ସେଦିନ ଥିଲା ୧୯୭୭ ମସିହାର କଥା । ୬ନମ୍ବର ଅଞ୍ଚଳ ଗଭର୍ନର ହାଉସ ନିକଟ ଭେନସ ହୋଟେଲ ସମ୍ମୁଖ ରାସ୍ତା। ସମୟ ପ୍ରାୟ ଅପରାହ୍ନ ୨ଟା ହେବ। ଠିକ୍ ଏହି ସମୟରେ ଦ୍ରୁତଗତିରେ ମାଡ଼ିଆସୁଥିବା ଏକ ମାଟାଡୋର ସହିତ ବିପରୀତ ଦିଗରୁ ଆସୁଥିବା ଏକ ମିନିବସ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ପ୍ରାୟ ୧୫ଜଣ ବ୍ୟକ୍ତି ଆହତ ହୋଇ ବିକଳ ଚିତ୍କାର କରୁଥିଲେ । ସେଦିନ ସେଠାରେ କ'ଣ କରିବି କିଛି ଭାବିପାରୁ ନ ଥାଏ । ମନକୁ କ'ଣ ଆସିଲା କେଜାଣି ନିକଟରେ ଥିବା ଏକ କାଠଗୋଲାରୁ ଟ୍ରଲି ରିକ୍ସାଟିକୁ ଟାଣିଆଣି ଘଟଣାସ୍ଥଳରୁ ଆହତ ଦୁଇଜଣ(ଜଣେ ମହିଳା ଓ ଜଣେ ପୁରୁଷ)ଙ୍କୁ ଉଦ୍ଧାରକରି ୬ନମ୍ବର ମେଡିକାଲକୁ ନେଇଥିଲି । ରକ୍ତ ନ ଦେଲେ ସେମାନଙ୍କ ଜୀବନ ଚାଲିଯିବ ବୋଲି ଡାକ୍ତର କହିଥିଲେ। ସମସ୍ତେ ରୁଣ୍ଡ ହୋଇ ଏମିତି ପରିସ୍ଥିତ ଦେଖୁଥିଲେ ମଧ୍ୟ କେହି ରକ୍ତଦେବାକୁ ମନ ବଳାଉ ନ ଥିଲେ। ଶେଷରେ ମୁଁ ସେମାନଙ୍କୁ ରକ୍ତ ଦେଇଥିଲି । ରକ୍ତ ଦେଇ ପେଟେ ପାଣିପିଇଲି। କିଛି କ୍ଷଣ ପରେ ଖୁବ୍ ଆରାମ ଲାଗିଲା। ଘରକୁ ଫେରିଲି। ଘରେ ଖିଆପିଆ ସାରି ଶୋଇପଡ଼ିଲି। ତା' ପରଦିନ ମୋତେ ଫୁର୍ତ୍ତିଲାଗିଲା ଆଉ ମେଡିକାଲକୁ ଯାଇ ଦେଖିଲି ଲୋକଟି ଖୁସି ଅଛି। ଯାହା ଭୟ ଥିଲା ସବୁ ଦୂରେଇଗଲା। ସେବେଠାରୁ ରକ୍ତଦାନ ଚାଲିଛି। ଆଉ ଦିନକର ଘଟଣା ଥରେ ରାସ୍ତା କଡ଼ରେ ଜଣେ ଲୋକ ନିସ୍ତେଜ ହୋଇପଡ଼ିଥାଏ । ସେହି ରାସ୍ତା ଦେଇ ଯାଉଥିବା ଅନେକ ବ୍ୟକ୍ତି ଜାଣି ନ ଜାଣିଲା ପରି ଚାଲିଯାଉଥାନ୍ତି। ସେହି ବାଟଦେଇ ଆସୁଥିଲି। ଲୋକଟିର ପାଖକୁ ଯାଇ ଦେଖିଲି ଲୋକଟିର ମୁଣ୍ଡରୁ ରକ୍ତ ଝରୁଛି, ବ୍ୟସ୍ତ ଲାଗିଲା। ଚେତା କରାଇଲି। ତାଙ୍କଠାରୁ ବୁଝିବାରେ ଜଣାପଡ଼ିଲା ଯେ, ବଡ଼ି ଭୋରରୁ ସେ ରାସ୍ତାରେ ଆସୁଥିବା ବେଳେ କେହି ଜଣେ ତାଙ୍କ ପଛରୁ ଗାଡ଼ି ଧକ୍କାକରି ପଳାଇଛି। ଯାହାହେଉ ତାଙ୍କୁ ମେଡିକାଲକୁ ନିଆଗଲା, ଲୋକଟି ସୁସ୍ଥହୋଇ ତାଙ୍କ ଘରକୁ ଫେରିଥିଲେ। ୨୦୦୪ ମସିହାର କଥା– ଥରେ ୬ନଂ ମେଡିକାଲକୁ ଯାଇଥାଏ, ଛୋଟ ଝିଅଟିଏ ରକ୍ତ ପାଇଁ ତା' ମା'କୁ କହୁଛି, ମା' କାଲି ଯଦି ରକ୍ତ ନ ମିଳିବ ତେବେ ମୁଁ ମରିଯିବି ନା ! ଏହି କଥାଟି ଶୁଣି ତା' ମା'ର ଆଖି ଲୁହରେ ଛଳ ଛଳ ହୋଇଯାଉଥାଏ। ତା'ର ବିକଳ ସହିପାରିଲି ନାହିଁ। ତାକୁ ରକ୍ତ ଦେବା ପାଇଁ କହିଲି। ସେ ପିଲାଟି ଥାଲାସେମିଆ ରୋଗରେ ଆକ୍ରାନ୍ତ। ତାକୁ ପ୍ରତି ମାସରେ ରକ୍ତ ନେବାକୁ ପଡୁଥାଏ। ହେଲେ ସବୁବେଳେ ରକ୍ତ କେଉଁଠୁ ଆସିବ ସେଥିପାଇଁ ଚିନ୍ତାଘାରିଲା।


ଗୋପୀମୋହନ

ଏଥିପାଇଁ ମୋ ସହିତ ଖେଳୁଥିବା କେତେକ ସାଙ୍ଗ ଓ ପିଲାଙ୍କୁ ଏ ବିଷୟରେ ଜଣାଇଲି। ଥାଲାସେମିଆ ଶିଶୁଙ୍କ ଜୀବନ ରକ୍ଷା ପାଇଁ ପ୍ରୟାସ କଲି । ସେହି ପିଲାଙ୍କୁ ରକ୍ତ ଦେବା ପାଇଁ ଏକ ୧୨ଜଣିଆ ରକ୍ତଦାତା ପରିବାର ଗଠନ କଲି। ପ୍ରତି ମାସରେ ଜଣେ ଲେଖାଏ ମାଗଣା ରକ୍ତଦାନ କଲେ। ପ୍ରାୟ ୫ଜଣ ଥାଲାସେମିଆ ପିଲାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣକରି ତାଙ୍କ ପାଇଁ ରକ୍ତଦାନର ବ୍ୟବସ୍ଥା କରିଆସୁଛି। ଏଥିପାଇଁ ସାଇକେଲରେ ବୁଲିବୁଲି ବିଭିନ୍ନ କଲେଜରେ ପହଞ୍ଚି ରକ୍ତଦାନ ସମ୍ପର୍କରେ ବୁଝାଇ ଛାତ୍ରୀଛାତ୍ରଙ୍କୁ ନେଇ ରକ୍ତଦାନ ଶିବିର କଲି। ପ୍ରତିଦିନ ବ୍ଲଡ୍ ବ୍ୟାଙ୍କ ଓ ମେଡିକାଲ ଆଡ଼େ ଯାଏ। କେହି ଅସହାୟଙ୍କୁ ଅତି ଜରୁରୀ ରକ୍ତ ଦରକାର କଥା ନଜରକୁ ଆସିଲେ ରକ୍ତଦାନର ବ୍ୟବସ୍ଥା କରିଥାଏ। ୨୦୦୫ରୁ କ୍ରମାଗତ ଭାବେ ପାରିବାର ସଦସ୍ୟ, ବନ୍ଧୁବାନ୍ଧବଙ୍କୁ ନେଇ ମାଗଣା ରକ୍ତଦାନ ଶିବିର କରି ଚାଲିଛି। ମତେ ୬୮ବର୍ଷ ହେଲାଣି। ପ୍ରାୟ ୩ହଜାର ୟୁନିଟ୍ ରକ୍ତ ସଂଗ୍ରହ କରିସାରିଲିଣି। ୨୦ଥର ପ୍ଲେଟଲେଟ ରକ୍ତଦାନ କରିଛି। ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ରକ୍ତଦାନ ଶିବିରରେ ଯୋଗଦେଇଛି। ସେହିପରି ମୋ ପରିବାରରେ ପତ୍ନୀ ଆଶାଲତା ପଟ୍ଟନାୟକ ୨୮ଥର ରକ୍ତଦାନ କରିଛନ୍ତି। ପୁଅ ଦିବ୍ୟମୋହନ ପଟ୍ଟନାୟକ ୧୭ଥର, ପରିବାରର କ୍ଷେତ୍ରମୋହନ ପଟ୍ଟନାୟକ ୨୨ଥର, ଜଗମୋହନ ପଟ୍ଟନାୟକ ୩୦ଥର, ତାରାତାରିଣୀ ପଟ୍ଟନାୟକ ୨୦ଥର, ସଞ୍ଜୀବ ପଟ୍ଟନାୟକ ୨୨ଥର, ଚିନ୍ତାମଣି ପାତ୍ର ୩୫ଥର, ମାନସ ପଟ୍ଟନାୟକ ୭୦ଥର ବିଭିନ୍ନ ସମୟରେ ମାଗଣା ରକ୍ତଦାନ କରିସାରିଲେଣି।' ଏଥିପାଇଁ ତାଙ୍କୁ ରାଜ୍ୟପାଳଙ୍କଠାରୁ ଏକାଧିକ ଥର ପୁରସ୍କାର ମିଳିଛି। ଏବେ ସେ ଭାରତୀୟ ରେଡ୍‌କ୍ରସ ସୋସାଇଟି ଖୋର୍ଦ୍ଧା ବ୍ରାଞ୍ଚ ଭୁବନେଶ୍ୱରର ଆଜୀବନ ସଦସ୍ୟ, ଭୁବନେଶ୍ୱର ୬ନମ୍ବର ହସ୍‌ପିଟାଲର ଓ୍ୱେଲଫେୟାର କମିଟି ସଦସ୍ୟ, ବ୍ଲଡ୍‌ବ୍ୟାଙ୍କ ସଦସ୍ୟ ଅଛନ୍ତି। ଏହାଛଡ଼ା ସେ 'ରକ୍ତ ସମ୍ପର୍କର ବନ୍ଧୁ' ନାମରେ ଏକ ସଂଗଠନ କରିଛନ୍ତି।







ସୁନୀଲ

**ରକ୍ତଦାନରେ ସୁନୀଲଙ୍କ ସହ ତାଙ୍କ ପରିବାର–** ଏମ୍ଏସ୍ଏମ୍ଇ ଡିପାର୍ଟମେଣ୍ଟରେ ଆସିଷ୍ଟାଣ୍ଟ ଡାଇରେକ୍ଟର ଭାବେ କାର୍ଯ୍ୟକରି ୨୦୨୦ ମସିହାରୁ ଅବସର ନେଇଛନ୍ତି **ସୁନୀଲ ପଟ୍ଟନାୟକ**। ନିଜ ଅବସର ସମୟକୁ ସେ ସମାଜରେ ଅବହେଳିତ ହେଉଥିବା ବ୍ୟକ୍ତିବିଶେଷଙ୍କ ପାଇଁ କିଛି କାର୍ଯ୍ୟ କରିବା ପାଇଁ ଚିନ୍ତା କରି ନିଜ ସାଧ୍ୟମତେ ସାହାଯ୍ୟ ସହଯୋଗ କରିଆସୁଥିଲେ। ପରେ ସେ ରକ୍ତଦାନ କରିବା କଥା ଚିନ୍ତା କଲେ। ଏଯାବତ୍ ୨୯ଥର ମାଗଣା ରକ୍ତଦାନ କରିସାରିଲେଣି। ସେ କୁହନ୍ତି, 'ମୋ ଦ୍ୱାରା ପ୍ରଭାବିତ ହୋଇ ଧର୍ମପତ୍ନୀ ରଞ୍ଜିତା ପଟ୍ଟନାୟକ ମଧ୍ୟ ୧୪ଥର ରକ୍ତଦାନ କରସାରିଲେଣି। ଏତଦବ୍ୟତୀତ ମୋର ଏକମାତ୍ର ପୁଅ ପୁଣ୍ୟଶ୍ଳୋକ ପଟ୍ଟନାୟକ ମଧ୍ୟ ୧୬ବର୍ଷ ବୟସରୁ ଏଯାଏ ପ୍ରାୟ ୧୮ଥର ମାଗଣା ରକ୍ତଦାନ କରିସାରିଲାଣି। ଆଉ ଏବେ ବି କରୁଛି। ୨୦୨୩ ମସିହା ସାବିତ୍ରୀ ଅମାବାସ୍ୟା ଦିନ ଆମେ ଶରୀର ଓ ଅଙ୍ଗଦାନ ପାଇଁ ନିଷ୍ପତ୍ତି ନେଇ ଚୁକ୍ତି କରିସାରିଛୁ। ଯେଉଁଥିପାଇଁ ଆମେ ବହୁତ ଖୁସି ଅଛୁ। କାରଣ ଆମେ ମୃତ୍ୟୁ ପରେ ବି କାହା କାମରେ ଆସିପାରିବୁ।

ଏବେ ବି ମୋର ଗୋଟେ କଥା ମନେପଡ଼େ ଯେତେବେଳେ ମୁଁ କଲେଜରେ ପଢୁଥିଲି ସେହି ସମୟରେ ମଦର ଟେରେସାଙ୍କ ସହିତ ସାକ୍ଷାତ କରିବାର ସୁଯୋଗ ପାଇଥିଲି । ସେହି ସମୟରେ ମୁଁ ଦେଖିଥିଲି ଲୋକମାନେ ରକ୍ତଦାନ କରୁଛନ୍ତି, ଯାହାକୁ ଅନ୍ୟମାନେ ମହତ କାର୍ଯ୍ୟ ମନେକରି ଖୁବ୍ ପ୍ରଶଂସା କରୁଛନ୍ତି। ଯାହାର ପ୍ରଭାବ ମୋ ଉପରେ ପଡ଼ିଥିଲା। ତା'ପରେ ମୁଁ ନିଷ୍ପତ୍ତି ନେଲି ଯେତେବେଳେ ବି ସୁଯୋଗ ମିଳିବ ମୁଁ ରକ୍ତଦାନ କରିବି। ତା'ପରେ ରକ୍ତଦାନ କରିବା ମୋର ଓ ପରିବାରର ବ୍ରତ ହୋଇଗଲା। ସେବେଠାରୁ ଆମେ ନିୟମିତ ଭାବେ ରକ୍ତଦାନ କରିଆସୁଛୁ।





–ବନବିହାରୀ ବେହେରା



ସ୍ୱପ୍ନା

## ହାଃ ହାଃ

### ଫଳ

ରୋଗୀ ଡାକ୍ତରଙ୍କୁ: ବହୁତ ଦୁର୍ବଳ ଲାଗୁଛି।
ଡାକ୍ତର : ଚୋପା ଲାଗିଥିବା ଫଳ ଖାଅ।
ରୋଗୀ କିଛି ଘଣ୍ଟା ପରେ: ଡାକ୍ତର ବାବୁ ପେଟ ବହୁତ କାଟୁଛି।
ଡାକ୍ତର: କ'ଣ ଖାଇଲ କି ?
ରୋଗୀ: ଆପଣ ଯେମିତି କହିଲେ ସେମିତି ଖାଇଲି।
ଡାକ୍ତର: କ'ଣ କ'ଣ ଖାଇଲ କହନ୍ତୁ।
ରୋଗୀ: ଚୋପା ଲଗା ଆପଲ୍, ଚୋପା ଲଗା କଦଳୀ, ଚୋପା ଲାଗିଥିବା କମଳା, ଚୋପା ଲାଗିଥିବା ନଡିଆ ଇତ୍ୟାଦି।
ଡାକ୍ତର: କ'ଣ ଚୋପା ଲଗା ନଡ଼ିଆ ବି ଖାଇଲ !

### ପ୍ରମାଣ

ପିଲାଟିଏ ପୋଲିସ୍ ଷ୍ଟେସନ୍ ସାମ୍ନା ରୋଡରେ ଝାଡା ବସିଥାଏ। ଏହା ଦେଖି ପୋଲିସ ତାକୁ ଟେକି କି ପୋଲିସ୍ ଷ୍ଟେସନ୍ ନେଉଥାନ୍ତି। ଏତିକିବେଳେ ପିଲାଟି କହିଲା– କାନୁନ୍‌ର ରକ୍ଷକ ଅପରାଧୀକୁ ତ ନେଉଛନ୍ତି। ପ୍ରମାଣ ବି ସାଙ୍ଗରେ ନିଅନ୍ତୁ।

### ହୋମ୍‌ୱାର୍କ

ଶିକ୍ଷକ ପିଲାଙ୍କୁ ହୋମ୍‌ୱାର୍କ ଦେଇଥାନ୍ତି। ପରଦିନ
ଶିକ୍ଷକ: ଯେଉଁମାନେ ହୋମ୍‌ୱାର୍କ କରିନ ଆଜି ତାଙ୍କ ଅବସ୍ଥା ଖରାପ କରିଦେବି। ହାତ ଟେକ କିଏ କିଏ କରିନ।
ମଣ୍ଟୁ ହାତ ଟେକିବା ପରେ ଶିକ୍ଷକ: ତୁ କରିନୁ ? ହେଲେ କାହିଁକି ?
ମଣ୍ଟୁ: ସାର୍ ଆପଣ ହୋମ୍‌ୱାର୍କ ଦେଇଥିଲେ। ହେଲେ ମୁଁ ତ ହଷ୍ଟେଲରେ ରହୁଛି। ହୋମ୍‌ୱାର୍କ କେମିତି କରିବି ? ମତେ ହଷ୍ଟେଲ ୱାର୍କ ଦେବା କଥା ନା।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



## ଶାନ୍ତ, ମନୋରମ ସ୍ଥାନ

# ପେଲିଙ୍ଗ୍









ସିକିମ୍‌ସ୍ଥିତ ଏକ ଶାନ୍ତିପ୍ରିୟ ସ୍ଥାନ ହେଉଛି ପେଲିଙ୍ଗ୍‌। ହିଲ୍‌ଷ୍ଟେଶନ ଭାବେ ଜଣାଶୁଣା ଏହି ସ୍ଥାନରେ ପର୍ଯ୍ୟଟକ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସଙ୍ଗେ ସଙ୍ଗେ ଏଠାରେ ଥିବା ଏକାଧିକ ମଠଗୁଡ଼ିକୁ ବୁଲି କିଛିଟା ନିଆରା ଅନୁଭୂତି ସାଉଁଟିପାରିବେ।

ସିକିମ୍‌ର ଗ୍ୟାଲଶିଂ ଜିଲା ଅନ୍ତର୍ଗତ ଏକ ଆକର୍ଷଣୀୟ ହିଲ୍ ଷ୍ଟେଶନ ହେଉଛି ପେଲିଙ୍ଗ୍‌। ସମୁଦ୍ରପତ୍ତନରୁ ପ୍ରାୟ ୭୦୫୦ଫୁଟ୍ ଉଚ୍ଚତାରେ ଥିବା ଏହି ପର୍ଯ୍ୟଟନସ୍ଥଳୀଟି ଗ୍ୟାଲଶିଂ ସହରଠାରୁ ପ୍ରାୟ ୧୦ କି.ମି ଏବଂ ଗାଙ୍ଗଟକ୍‌ଠାରୁ ପ୍ରାୟ ୧୩୧ କି.ମି ଦୂରରେ ଅବସ୍ଥିତ। ଏଠାରେ ବସବାସ କରୁଥିବା ଅଧିକାଂଶ ଲୋକେ ବୌଦ୍ଧ ଧର୍ମାବଲମ୍ବୀ ହୋଇଥାନ୍ତି। ସେଥିପାଇଁ ଏଠାକାର ପରିବେଶ ବେଶ୍ ଆଧ୍ୟାତ୍ମିକଭରା ହୋଇଥାଏ। ଜନଗହଳିପୂର୍ଣ୍ଣ ପରିବେଶରୁ ଦୂରରେ ଥିବା ଏହି ସ୍ଥାନକୁ ବୁଲିଗଲେ ମନକୁ ବେଶ୍ ଶାନ୍ତି ମିଳିଥାଏ। ଖାସ୍ ସେଥିପାଇଁ ପ୍ରାୟତଃ ଏଠାରେ ପର୍ଯ୍ୟଟକଙ୍କର ଯା'ଆସ ଲାଗି ରହିଥାଏ।

**କ'ଣ ଦେଖିବେ:** ଯେହେତୁ ଏହା ଏକ ହିଲ୍ ଷ୍ଟେଶନ, ତେଣୁ ଏଠାକାର ପ୍ରାକୃତିକ ପରିବେଶ ଦେଖିବାକୁ ବେଶ୍ ମନଲୋଭା ହୋଇଥାଏ। ବୃକ୍ଷଲତାରେଭରା ପାହାଡ଼, ପର୍ବତ ସାଙ୍ଗକୁ ପର୍ଯ୍ୟଟକ ଏଠାରେ ତଥା ଏଠାକାର ଆଖପାଖ ଅଞ୍ଚଳରେ ଏକାଧିକ ଝରଣା, ହ୍ରଦ, ମଠ ତଥା ବହୁ ମନୋରମ ପର୍ଯ୍ୟଟନସ୍ଥଳୀମାନ ମଧ୍ୟ ବୁଲି ଦେଖିପାରିବେ। ଯେମିତିକି:

* **ପୋମାୟଙ୍ଗସେ ମଠ:** ପେଲିଙ୍ଗ୍‌ଠାରୁ ପ୍ରାୟ ୨ କି.ମି ଦୂରରେ ରହିଛି ଏହି ବୌଦ୍ଧ ମଠ ; ଯାହାର ଆଧ୍ୟାତ୍ମିକ ପରିବେଶ ପର୍ଯ୍ୟଟକଙ୍କୁ ବେଶ୍ ଶାନ୍ତି ପ୍ରଦାନ କରିଥାଏ।

* **ଡରପ ଗାଁ:** ପେଲିଙ୍ଗ୍‌ଠାରୁ ମାତ୍ର ଅଳ୍ପ କିଛି ଦୂରରେ ରହିଛି ଡରପ ନାମରେ ଏକ ଆଦିବାସୀ ଗାଁ। ଏଠାରେ ଲିମ୍ବୁ ଜନଜାତିର ଲୋକେ ବାସ କରୁଥିବା ସୂଚନା ରହିଛି। ପର୍ଯ୍ୟଟକ ଚାହିଁଲେ ଏହି ଗାଁକୁ ବୁଲି ଯାଇ ସ୍ଥାନୀୟ ଲୋକଙ୍କର ଚାଲିଚଳନ, ପ୍ରଥା, ପରମ୍ପରା ବିଷୟରେ ଅନେକ ନୂଆ କଥା ଜାଣିବାକୁ ପାଇପାରିବେ।

* **ରିମ୍ବି ଜଳପ୍ରପାତ:** ଡରପ ଗାଁଠାରୁ ମାତ୍ର ୫ କି.ମି ଦୂରରେ ଥିବା ଏହି ଜଳପ୍ରପାତଟିର ଆକର୍ଷଣୀୟ ଦୃଶ୍ୟ କାହାକୁ ବି ଆନମନା କରିପାରେ। ଏଠାରେ ପର୍ଯ୍ୟଟକ ରକ୍ ଗାର୍ଡେନ, ମାନିକିୟୋର୍ ଗାର୍ଡେନ, ପୁଲ୍ ଆଦି ଥିବାର ଦେଖିପାରିବେ।

* **କାଞ୍ଚନଜଙ୍ଘା ଜଳପ୍ରପାତ:** ପେଲିଙ୍ଗ୍‌ଠାରୁ ପ୍ରାୟ ୨୮ କି.ମି ଦୂରରେ ରହିଛି ଏହି ଜଳପ୍ରପାତଟି। ସେହିପରି ପେଲିଙ୍ଗ୍‌ଠାରୁ ମାତ୍ର ୧୦ କି.ମି ଦୂରରେ ଚାଙ୍ଗେ ନାମକ ଆଉ ଏକ ଜଳପ୍ରପାତ ମଧ୍ୟ ପର୍ଯ୍ୟଟକ ଦେଖିପାରିବେ।

* **ସାଙ୍ଗ ଚୋଏଲିଂ ମଠ:** ଏହା ମଧ୍ୟ ସ୍ଥାନୀୟ ଅଞ୍ଚଳର ଏକ ପୁରୁଣା ମଠ। ଏଠାକୁ ପର୍ଯ୍ୟଟକ ବୁଲିଯାଇ ବହୁ ଉପାଦେୟ କଥା ଜାଣିବାର ସୁଯୋଗ ପାଇପାରିବେ।

* **ସିଙ୍ଗସୋର୍ ବ୍ରିଜ୍:** ପେଲିଙ୍ଗ୍‌ଠାରୁ ପ୍ରାୟ ୨୬ କି.ମି ଦୂରରେ ଥିବା ଏହି ବ୍ରିଜ୍‌ଟିକୁ ସିକିମ୍‌ର ଏକ ଉଚ୍ଚତମ ବ୍ରିଜ୍ ଭାବେ ବିବେଚନା କରାଯାଇଥାଏ।

ଏସବୁ ବ୍ୟତୀତ ପେଲିଙ୍ଗ୍‌ର ନିକଟବର୍ତ୍ତୀ ଅଞ୍ଚଳରେ ଆହୁରି ବି କେତେକ ମନୋରମ ପର୍ଯ୍ୟଟନସ୍ଥଳୀମାନ ରହିଛି, ଯେମିତିକି ୟୁକସୋମ୍, ରିଚେଙ୍ଗ୍‌ପୋଙ୍ଗ୍, ଡୋଙ୍ଗ୍ରି, ହି ବୁର୍‌ମିୟକ୍ ଇତ୍ୟାଦି ଅନ୍ୟତମ।

**ବୋଟିଂ ଓ ଟ୍ରେକିଂର ମଜା ନିଆରା:** ଯେହେତୁ ଏଠାରେ ଅନେକ ଜଳପ୍ରପାତ ଓ ହ୍ରଦ ରହିଛି ; ତେଣୁ ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ବୋଟିଂର ବି ଭଲ ସୁବିଧା ଏଠି ଉପଲବ୍ଧ ହୋଇଥାଏ। ସେହିପରି ପାହାଡିଆ ଓ ଜଙ୍ଗଲ ପରିବେଶ ଥିବାରୁ ବହୁ ପର୍ଯ୍ୟଟକ ଏଠାରେ ଟ୍ରେକିଂ କରି ବୁଲିବାକୁ ଖୁବ୍ ପସନ୍ଦ କରିଥାନ୍ତି।

**କେବେ ଓ କେମିତି ଯିବେ:** ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ପେଲିଙ୍ଗ୍‌କୁ ବୁଲିଯିବା ପାଇଁ ମାର୍ଚ୍ଚରୁ ଜୁନ୍ ଏବଂ ସେପ୍ଟେମ୍ବରରୁ ନଭେମ୍ବର ସବୁଠୁ ଭଲ ସମୟ ହୋଇଥାଏ। କାରଣ ଏହି ସମୟରେ ଏଠାକାର ପାଣିପାଗ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହିଥାଏ। ଜୁଲାଇ ପରେ ଏଠାରେ ବର୍ଷାଋତୁ ଆରମ୍ଭ ହୋଇଯାଉଥିବାରୁ ବୁଲାବୁଲି କରିବାକୁ ଟିକେ ଅସୁବିଧା ହୁଏ। ଅନ୍ୟପକ୍ଷେ ଡିସେମ୍ବରରୁ ଫେବୃଆରୀ ଭିତରେ ଏଠାରେ ଭୀଷଣ ଥଣ୍ଡା ଅନୁଭୂତ ହେବା ସହିତ ତୁଷାରପାତ ହୋଇ ରାସ୍ତାଘାଟ ବନ୍ଦ ହୋଇଯିବାର ପରିସ୍ଥିତ ଉପୁଜିଥାଏ। ତେଣୁ ଏହି ସମୟରେ ଏଠାକୁ ଯିବା ସୁବିଧାଜନକ ହୋଇ ନ ଥାଏ। ସେହିପରି ଏଠାକୁ ଯିବା ପାଇଁ ନିକଟତମ ମୁଖ୍ୟ ରେଳଷ୍ଟେଶନ ହେଉଛି ଶିଲିଗୁଡ଼ି ଜଙ୍କଶନ୍ ରେଲ୍‌ୱେ ଷ୍ଟେଶନ ; ଯାହା ପ୍ରାୟ ୧୩୫ କି.ମି ଦୂରରେ ଅବସ୍ଥିତ। ଅନ୍ୟପକ୍ଷେ ବାଗଡୋଗ୍ରା ଏୟାରପୋର୍ଟ ହେଉଛି ପେଲିଙ୍ଗ୍‌ର ନିକଟବର୍ତ୍ତୀ ମୁଖ୍ୟ ବିମାନବନ୍ଦର। ଏହାଛଡ଼ା ପର୍ଯ୍ୟଟକ ଚାହିଁଲେ ଟୁରିଷ୍ଟ ବସ୍ ସାହାଯ୍ୟରେ ଆସି ଗାଙ୍ଗଟକ୍‌ରେ ପହଁଚି ସେଠାରୁ ସ୍ଥାନୀୟ ସାଧନ ଯୋଗେ ଆରାମରେ ଯାଇ ପେଲିଙ୍ଗ୍‌ଠାରେ ପହଁଚିପାରିବେ।



# ସଣ୍ଡେ ହଲି ଡେ' କେବେଠୁ ହେଲା




**ସଣ୍ଡେ ଇଜ୍ ଏ ହଲି ଡେ' ଅର୍ଥାତ୍ ରବିବାର ମାନେ ହିଁ ଛୁଟିଦିନ ବୋଲି କାହିଁ କେବେଠାରୁ ପ୍ରଚଳିତ ହୋଇ ଆସିଛି । ତେବେ ଜାଣନ୍ତି କି ଏହା କେବେଠାରୁ ପ୍ରଚଳିତ ହୋଇଛି? ଜାଣନ୍ତୁ ସେ ସମ୍ପର୍କରେ...**

ରବିବାର ଛୁଟିଦିନ ହେବା ପଛର ଇତିହାସ ଶ୍ରମିକମାନଙ୍କ ସହ ଜଡ଼ିତ । ଭାରତ ଯେବେ ବ୍ରିଟିଶ ଶାସନାଧିନ ଥିଲା ମିଲ୍ ଶ୍ରମିକମାନଙ୍କୁ ସପ୍ତାହକ ସାତ ଦିନ ବିନା ଛୁଟିରେ ଖଟିବାକୁ ପଡୁଥିଲା । ସେମାନଙ୍କର ସପ୍ତାହିକ ଛୁଟି କିଛି ନ ଥିଲା ବିଶ୍ରାମ ନେବା ପାଇଁ । ସେ ସମୟରେ ନାରାୟଣ ମେଘାଜୀ ଲୋଖଣ୍ଡେ ମିଲ୍ ଶ୍ରମିକଙ୍କ ନେତା ଥିଲେ । ସେ ବ୍ରିଟିଶ ସରକାରଙ୍କୁ ଶ୍ରମିକଙ୍କ ପାଇଁ ସପ୍ତାହକୁ ଥରେ ଛୁଟି ପ୍ରଦାନ କରିବାକୁ ପ୍ରସ୍ତାବ ଦେଇଥିଲେ । ଯେମିତିକି ସେମାନେ ନିଜର ଥକ୍କାପଣ ଦୂର କରିପାରିବେ । ଆଉ ନିଜ ପାଇଁ କିଛି ସମୟ ପାଇବେ । ଏହାବାଦ ରବିବାର ହେଉଛି ଭଗବାନ ଖଣ୍ଡୋବାଙ୍କ ଦିନ । ତେଣୁ ରବିବାରକୁ ଛୁଟିଦିନ ଭାବେ ଘୋଷଣା କରିବାକୁ ପ୍ରସ୍ତାବ ଦେଇଥିଲେ । ହେଲେ ବ୍ରିଟିଶ ସରକାର ଏହାକୁ ଗ୍ରହଣ କରି ନ ଥିଲେ ।








ଲୋଖଣ୍ଡେ ଏହି ପରାସ୍ତକୁ ଗ୍ରହଣ କରିପାରି ନ ଥିଲେ । ଦୀର୍ଘ ୭ ବର୍ଷ ସଂଘର୍ଷ କଲେ । ଶେଷରେ ୧୮୯୦ ମସିହା ଜୁନ ୧୦ ତାରିଖରେ ବ୍ରିଟିଶ ସରକାର ରବିବାରକୁ ଛୁଟି ମଞ୍ଜୁର କରିଥିଲେ ।

*ରବିବାରକୁ ସାପ୍ତାହିକ ଛୁଟିଭାବେ ଭାରତ ସରକାରଙ୍କ ଦ୍ୱାରା କେବେ ବି ମାନ୍ୟତା ଦିଆଯାଇ ନାହିଁ । ବରଂ ଏହା ଇଂରେଜ ଶାସନ କାଳରୁ ଚାଲି ଆସିଛି । ହିନ୍ଦୁ ମାନ୍ୟତା ଅନୁସାରେ ସପ୍ତାହର ପ୍ରଥମ ଦିନ ହେଉଛି ରବିବାର । ଅନ୍ତିମ ଦିନ ନୁହେଁ । ଏହା ସୂର୍ଯ୍ୟ ଦେବତା ଓ ଭଗବାନ ବିଷ୍ଣୁଙ୍କ ବାର । ଏହିଦିନ ସବୁ ଦେବୀ ଦେବତାଙ୍କ ପୂଜାର ପ୍ରାବଧାନ ରହିଛି । ତେଣୁ ରବିବାରକୁ ପୂଜାଦିନ ଭାବେ ଗ୍ରହଣ କରାଯାଏ ।

*କୁହାଯାଏ ଯେଉଁଦିନ ଯୀଶୁ ଖ୍ରୀଷ୍ଟ ନିଜ ଶରୀର ତ୍ୟାଗ କଲେ ସେହିଦିନ ଥିଲା ଶୁକ୍ରବାର । ତେଣୁ ଶୁକ୍ରବାରକୁ ଗୁଡ ଫ୍ରାଇଡେ କୁହାଯାଏ । ତେବେ ଏମିତି ବି କୁହାଯାଏ ଯୀଶୁଖ୍ରୀଷ୍ଟ ଦେହତ୍ୟାଗ କରିବା ପରେ ରବିବାର ଦିନ ପୁନଃ ଜୀବିତ ଦେଖିବାକୁ ମିଳିଥିଲେ । ଜୀବିତ ଦେଖାଯିବାର ଏହି ଘଟଣାକୁ ଈଷ୍ଟର ସଣ୍ଡେ ଭାବେ ପାଳନ କରାଯାଏ । ତେଣୁ ପ୍ରତି ରବିବାର ଦିନ ଚର୍ଚ୍ଚରେ ପ୍ରାର୍ଥନା କରାଯାଏ । ଏହି କାରଣରୁ ଇଂରେଜମାନେ ଭାରତରେ ବି ରବିବାର ଦିନ ଛୁଟି ଘୋଷଣା କରିଥିଲେ ।

*ଆଉ ଏକ ମାନ୍ୟତା ଅନୁସାରେ ଖ୍ରୀଷ୍ଟଧର୍ମ ଅନୁସାରେ ଈଶ୍ୱର ଦୁନିଆକୁ ଛଅ ଦିନରେ ନିର୍ମାଣ କରିଥିଲେ । ଆଉ ରବିବାର ଦିନ ଆରାମ କରିଥିଲେ । ଏହି କାରଣରୁ ଖ୍ରୀଷ୍ଟଧର୍ମରେ ଏବଂ ଖ୍ରୀଷ୍ଟଧର୍ମାବଲମ୍ବୀମାନେ ଯେଉଁ ଯେଉଁ ସ୍ଥାନରେ ରାଜ କରିଥିଲେ ସେଠାରେ ବି ରବିବାର ଦିନକୁ ଛୁଟି କରିବାର ଆଦେଶ ଦେଇଥିଲେ । ସେମାନଙ୍କୁ ଗୋଲାମୀରୁ ମୁକ୍ତ ହେବାର ଦୀର୍ଘ ବର୍ଷ ବିତିଯାଇଥିଲେ ହେଁ ଏବେ ବି ଅଧିକାଂଶ ଦେଶ ଏହାକୁ ବଦଳାଇବାର ପ୍ରୟାସ କରି ନାହାନ୍ତି ।

*ଆଇଏସ୍ଓ ୮୬୦୧ ଅନୁଯାୟୀ ରବିବାର ହେଉଛି ସପ୍ତମ ଓ ସପ୍ତାହର ଶେଷଦିନ । ୧୮୪୪ ମସିହାରେ ବ୍ରିଟିଶ ସରକାରଙ୍କ ଗଭର୍ନର ଜେନେରାଲ ସ୍କୁଲ ପିଲାଙ୍କ ପାଇଁ ସଣ୍ଡେ ହଲିଡେ'ର ବ୍ୟବସ୍ଥା ଆରମ୍ଭ କରିଥିଲେ । ଯାହାକୁ ୧୯୮୬ ମସିହାରେ ମାନ୍ୟତା ମିଳିଥିଲା ।

*କୁହାଯାଏ ମୋଗଲ ଶାସନ ବେଳେ ଶୁକ୍ରବାର ଦିନ ଛୁଟି ରହୁଥିଲା । କାରଣ ଇସ୍‌ଲାମ ଧର୍ମରେ ଶୁକ୍ରବାର ଅର୍ଥାତ ଜୁମ୍ମା ଦିନ ନମାଜ ପାଇଁ ମହତ୍ତ୍ୱପୂର୍ଣ୍ଣ ଦିନ ଥିଲା । ତେଣୁ କୌଣସି ମୁସ୍‌ଲମାନ ଦେଶରେ ରବିବାର ନୁହେଁ ବରଂ ଶୁକ୍ରବାର ଛୁଟି ରହେ ।

# ତାପମାତ୍ରା କମାଇବ ଏହି ରାସ୍ତା

ଦେଶ ହେଉ କି ବିଦେଶ ସବୁଆଡ଼େ ଲମ୍ବିଥାଏ କଳା ମଚମଚ ରାସ୍ତା । ତେଣୁ ରାସ୍ତା କଥା ଉଠିଲେ ଆଖି ଆଗରେ କଳା ରଙ୍ଗର ପିଚୁ ରାସ୍ତା ହିଁ ମନକୁ ଆସେ । ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏମିତି ଏକ ସ୍ଥାନ ଅଛି ଯେଉଁଠି ଦେଖିବାକୁ ମିଳେ ନୀଳରଙ୍ଗର ରାସ୍ତା । ସେ ସ୍ଥାନଟି ହେଉଛି କତାରର ଦୋହା । ପ୍ରକୃତ କଥା ହେଉଛି ଏଠାରେ ସବୁ ରାସ୍ତାକୁ ନୀଳ ରଙ୍ଗରେ ରଙ୍ଗାଯାଉଛି । ଆଉ ଏହା ପଛର କାରଣ ହେଉଛି ତାପମାତ୍ରା ନିୟନ୍ତ୍ରଣ କରିବା । ନୀଳ ରଙ୍ଗ କରିବା ପରେ ତାପମାତ୍ରାରେ କିଭଳି ପରିବର୍ତ୍ତନ ଆସୁଛି ଜାଣିବା ପାଇଁ ସେନ୍ସର ବି ଲଗାଯାଇଛି । ବୈଜ୍ଞାନିକଙ୍କ ମତରେ କଳାରଙ୍ଗ ଅପେକ୍ଷା ନୀଳରଙ୍ଗର ରାସ୍ତା ସୂର୍ଯ୍ୟର ରେଡିଏଶନ୍‌କୁ ୫୦% କମେଇ ଦେଇଥାଏ । ତେଣୁ ପରୀକ୍ଷାମୂଳକଭାବେ ଏଠାରେ ସବୁ ରାସ୍ତାକୁ ନୀଳରଙ୍ଗରେ ରଙ୍ଗା ଯାଉଛି । ଏହାପୂର୍ବରୁ ଲସ୍ ଆଞ୍ଜେଲସ୍, ମକ୍କା ଓ ଟୋକିଓର ରାସ୍ତା ବି ନୀଳ ରଙ୍ଗରେ ରଙ୍ଗାଯାଇଛି । ତାପମାତ୍ରା କିଛିଟା କମାଇବା ସହ ଏହି ରାସ୍ତା ଏଠାକାର ଲୁକ୍‌କୁ ବଦଳାଇଛି । ଲାଗୁଛି ସତେ ଯେମିତି ଏହା ଭିନ୍ନ ଏକ ଦୁନିଆ ।



## କଥା ଚାଟ୍



ଓଁ ଅଭିଜ୍ଞାନ ସାହୁ

# ନକଲିର ସ୍ୱର୍ଣ୍ଣକାଳ

ବିଦେଶରେ ଥିବାବେଳେ ମୋର ଅନ୍ୟତମ ବିକଳ ସମସ୍ୟା ହେଲା ପେଟ ଗଡ଼ବଡ଼। ଆମ ଦେଶର ସ୍ୱଦେଶୀ ପଦ୍ଧତିରେ ପ୍ରସ୍ତୁତ ହେଉଥିବା ପୋଡ଼ା ତେଲ କିମ୍ବା ଅତିରିକ୍ତ ମସଲାଯୁକ୍ତ ଖାଦ୍ୟ ଖାଇ ମୋ ଦେହ ଓ ପେଟ ଏପରି ଅଟୋ ମୋଡକୁ ଆସିଯାଇଛି ଯେ, ବିଦେଶୀ ଖାଇବା ଖାଇଲା ପରେ ମୋ ପେଟର ସଫ୍ଟୱେରରେ ଗୋଳମାଳ ହୋଇଯାଏ । କଥା ହେଲା ଆମ ଦେହ ଏପରି ଶକ୍ତ ଧାତୁରେ ତିଆରି ହୋଇଛି ଯେ ଆମେ ଚାଉଳରେ ଗୋଡ଼ି, ତେଲରେ ଅଗରା, ମସଲାରେ ଘର ରଙ୍ଗକୁ ଖାଇ ହଜମ କରିଦେଉଛୁ ।

ଭେଜାଲ କେଉଁଠି ନାହିଁ ? ଖାଦ୍ୟଠାରୁ ନେଇ ସଂସ୍କୃତି ପର୍ଯ୍ୟନ୍ତ ସବୁଠି ଭେଜାଲ। କେଉଁଠି ଲେଖା ଭେଜାଲ ତ କେଉଁଠି ଲେଖକ ଭେଜାଲ । ଆମ ନିଜ ଭାଷା ଅବସ୍ଥା ବି ତଦ୍ରୁପ । ଶୁଦ୍ଧ ଓଡ଼ିଆ କହିଲେ ଅଧାରୁ ଅଧିକ ଲୋକ ବୁଝିବା ମୁସ୍କିଲ । ଆମେ ନିତ୍ୟ ବ୍ୟବହାର କରୁଥିବା ଅନେକ ଶବ୍ଦ ଖାଣ୍ଟି ଓଡ଼ିଆ ଶବ୍ଦ ନୁହେଁ । କିନ୍ତୁ ଏହା ଆମ ଅସ୍ଥିମଜ୍ଜାରେ ଏମିତି ବସିଯାଇଛି ଯେ ଶୁଦ୍ଧ ଓଡ଼ିଆ ଶବ୍ଦ ଆମକୁ ବିଦେଶୀ ଭଳି ଲାଗୁଛି । ଟିଭିରେ ଓଡ଼ିଆ କାର୍ଯ୍ୟକ୍ରମ ଦେଖି ଦେଖି ଆମେ ଏମିତି ଅଭ୍ୟସ୍ତ ହୋଇଗଲୁଣି ଯେ କେହି ଶୁଦ୍ଧ ଓଡ଼ିଆରେ କହିଲେ ଆମକୁ କହିବାକୁ ପଡୁଛି , ଆଜ୍ଞା ଟିକେ ସରଳ ଓଡ଼ିଆରେ କୁହନ୍ତୁ ଆପଣଙ୍କ ଭାଷା ମୁଁ ଭଲରେ ବୁଝିପାରୁନି। ଚର୍ଯ୍ୟା ଯୁଗ, ରୀତି ଯୁଗ, ପ୍ରଗତି ଯୁଗ,ସବୁଜ ଯୁଗ, ଆଧୁନିକ,ଉତ୍ତର ଆଧୁନିକ ଇତ୍ୟାଦି ପରେ ଏବେ ଓଡ଼ିଆ ଭାଷାର 'ଅତି' ଆଧୁନିକ ଯୁଗ ଚାଲିଛି । ଏ ଯୁଗର ସାହିତ୍ୟରେ ଓଡ଼ିଆ, ହିନ୍ଦୀ, ସଂସ୍କୃତ, ଦେଶିଆ, ଇଂରାଜୀ, ଆରବୀ ଇତ୍ୟାଦି ସହ ଅନେକ ଆଞ୍ଚଳିକ ଭାଷା ଫେଣ୍ଟି ହୋଇ ଭାଷାର ମିକ୍ସଚର ହୋଇସାରିଛି। ଦେହକୁ ଅହିତ ଜାଣିଲେ ବି ମିକ୍ସଚର ପାଟି ସୁଆଦ ବୋଲି ସମସ୍ତଙ୍କୁ ଜଣା ।

ଖାଣ୍ଟି ଜିନିଷ ଖୋଜିଯିବା ଅର୍ଥ ଲୋକହସା ହେବା । ଏମିତି ଗୋଟିଏ ରାଜନୈତିକ ଦଳ ପାଇବେନି, ଯାହାର ସବୁ ନେତା ସେହି ଦଳର ଖାଣ୍ଟି ଲୋକ। ଆଜି ଯିଏ ଏ ଦଳରେ ଅଛି କାଲି ନିଜ ସୁବିଧା ପାଇଁ ଆଉ ଗୋଟେ ଦଳକୁ ଡେଇଁଲାଣି । ଗୋଟିଏ ଦଳର ସବୁ ନେତା ସେହି ଦଳର ଅସଲି ନେତା ନୁହନ୍ତି। ସବୁ ଦଳ ଏମିତିକା ସୁବିଧାବାଦୀ ଭେଜାଲ ନେତାମାନଙ୍କରେ ଭର୍ତ୍ତି । ସବୁଠୁ ଦୟନୀୟ ଅବସ୍ଥା ନେତାଙ୍କ ସମର୍ଥକମାନଙ୍କର । ସକାଳେ ଯେଉଁ ଦଳ ବିରୁଦ୍ଧରେ ଗପୁଥିଲେ ସନ୍ଧ୍ୟାରେ ତାଙ୍କ ନେତା ସେହି ଦଳରେ ଯୋଗ ଦେଲେଣି । ନେତା ତ ଦେଶର ବୃହତ୍ତମ ସ୍ୱାର୍ଥ ପାଇଁ ଦଳବଦଳ କଲେ ବୋଲି କହି ଖସିଗଲେ। ହେଲେ କର୍ମୀମାନେ ନୂଆ ଦଳ ସପକ୍ଷରେ କହିଲା ବେଳେ ହୀନସ୍ତା ଭୋଗୁଛନ୍ତି। ଯେଉଁଠି ନେତା ଭେଜାଲ, ନେତାଙ୍କ ବିଚାରଧାରା ଭେଜାଲ, ଦଳ ଭେଜାଲ, କର୍ମୀ ଭେଜାଲ ସେଠି ସରକାରଙ୍କଠାରୁ ଖାଣ୍ଟି ଶାସନ ଆଶା କରିହେବ ??

ମାର୍ ମାର୍ ଭଣ୍ଡାରିଆକୁ ମାର୍ ଭଳି ଆମର ସବୁ ଦୋଷ ଭେଜାଲ ଉପରେ ଛାଡି ନିଜକୁ କ୍ଲିନଚିଟ ଦେଉ । ଗାଡ଼ି କମ ମାଇଲେଜ ଦେଲେ ପେଟ୍ରୋଲ ଭେଜାଲ, ରୋଗୀ ମଲେ ଔଷଧ ଭେଜାଲ, ପରୀକ୍ଷାରେ ଫେଲ୍ ହେଲେ ଖାତା ଦେଖାରେ ଭେଜାଲ, ଚାକିରି ନ ପାଇଲେ ନିଯୁକ୍ତିରେ ଭେଜାଲ, ଦେହ ଖରାପ ହେଲେ ଖାଦ୍ୟରେ ଭେଜାଲ, ଆତ୍ମହତ୍ୟାରେ ଲୋକ ନ ମଲେ ବିଷ ଭେଜାଲ ଇତ୍ୟାଦି । କିନ୍ତୁ ସତ୍ୟ ଏଠି ଟିକେ ବଙ୍କା । ଆମେମାନେ ଦୂଷିତ ପରିବେଶ ଓ ଭେଜାଲ ଖାଦ୍ୟ ଖାଇ ଏପରି ଅଭ୍ୟସ୍ତ ଯେ ଶୁଦ୍ଧ ବାୟୁ କିମ୍ବା ଖାଣ୍ଟି ଖାଦ୍ୟ ଖାଇଲେ ବେମାରିଆ ହେବେ । ମୋତେ ଲାଗୁଚି ଦିନ ଆସିବ ଅସଲି ଜିନିଷ ଖୋଳ ଉପରେ ଲେଖାହେବ, 'ଅସଲିଜନିତ ଅସୁବିଧା ପାଇଁ ଦୁଃଖିତ ।'

ଯାହା ଜଣାପଡୁଛି ନକଲି, ଅସଲି ବାଲାଙ୍କଠାରୁ ପାଦେ ଆଗରେ ଅଛନ୍ତି। ନକଲି ଜିନିଷକୁ ଏମିତି ସ୍ୱାଦିଷ୍ଟ ଆଉ ସୁନ୍ଦରିଆ କରି ସଜେଇ ଦେଉଛନ୍ତି ଯେ ଲୋକ ଭ୍ରମରେ ପଡ଼ି ଅସଲି ଜିନିଷକୁ ନକଲି ଭାବୁଛନ୍ତି। ନକଲି ଜିନିଷ ପ୍ରସ୍ତୁତ କରୁଥିବା ଲୋକଙ୍କ ସୂକ୍ଷ୍ମ ବୁଦ୍ଧିକୁ ତାରିଫ ନ କରି ରହିହେବ ନାହିଁ । ନକଲି ଜିନିଷର ଖୋଳ ଉପରେ ଲେଖା ହେଉଛି 'ଏହି ଚିହ୍ନ ଦେଖି ଅସଲି ଚିହ୍ନନ୍ତୁ । ନକଲି ପ୍ରତି ସାବଧାନ।' ଏହିପରି ସୂକ୍ଷ୍ମ ବୁଦ୍ଧି ରଖୁଥିବା ସବୁଠୁ ଚମକପ୍ରଦ ଦେଶଟି ହେଲା ଭାରତ। ପାନ ଜର୍ଦ୍ଦାଠାରୁ ଖାଦ୍ୟ ମସଲା ପର୍ଯ୍ୟନ୍ତ, ବିସ୍କୁଟଠାରୁ ଫ୍ରିଜ, କମ୍ପୁଟର ପର୍ଯ୍ୟନ୍ତ ମାତ୍ର କେଇ ଟଙ୍କା ବିନିଯୋଗ କରି ବଡ଼ ବଡ଼ କମ୍ପାନୀଙ୍କ ଜିନିଷର ଅବିକଳ ନକଲି ଜିନିଷକୁ ସୁଲଭ ମୂଲ୍ୟରେ ଯୋଗେଇଦେବା ଆମ ସୂକ୍ଷ୍ମବୁଦ୍ଧିର ପ୍ରମାଣ ।




କିଛିଦିନ ତଳେ ଖବରକାଗଜରେ ଏକ ଖବରରେ ଜଣେ ଲୋକ ମିଛରେ ନିଜକୁ ତୃତୀୟ ଲିଙ୍ଗୀର ପରିଚୟ ଦେଇ ଭିକ୍ଷା ମାଗୁଥିବା ବେଳେ ଅସଲି ତୃତୀୟ ଲିଙ୍ଗୀଙ୍କ ହାବୁଡ଼ରେ ପଡି ନିର୍ଘୂମ୍ ଛେଚା ଖାଇବାର ଖବର ଥିଲା । ଖବର ପଢି ମୁଁ ଘଡ଼ିଏ ଭାବିହେଲି । କି ଅଦ୍ଭୁତ ଯୁଗ ହେଲା ଦେଖ । ସବୁ ଭେଜାଲ ବୋଲି କ'ଣ ମଣିଷ ବି ଭେଜାଲ ! କିଏ ପୁଲିଙ୍ଗ କିଏ ସ୍ତ୍ରୀଲିଙ୍ଗ ଜାଣିବା ମୁସ୍କିଲ । ଫେସବୁକରେ ସୁନ୍ଦରୀ ଆଞ୍ଜେଲ ପ୍ରିୟାର ଫୋଟ ଦେଖି ରାଜ୍ୟର ଅଧେ ଯୁବକ ବାୟା ହେଲା ପରେ ଜଣାପଡ଼ିଲା ଅସଲରେ ସେଇଟା ଜଣେ ଦରବୁଢା । ପୁଅମାନେ ବେଣୀ ବାନ୍ଧି, ନୋଳି ପିନ୍ଧି ଝିଅ ଝିଅ ଦିଶିଲେଣି ତ ଝିଅମାନେ ବାବୁରି ଚୁଟି ରଖି ପୁଅଙ୍କ ପୋଷାକ ପିନ୍ଧିଲେଣି। ଅପରେଶନ ଦ୍ୱାରା ପୁଅରୁ ଝିଅ ଓ ଝିଅରୁ ପୁଅ ହେବା ଘଟଣା ଏବେ ରୋଜ ଶୁଣୁଛୁ । ଯେଉଁ ମା' ସାତ ଝିଅ ପରେ ଲକ୍ଷେ ଶିବ ପୂଜି ପୁଅ ଜନ୍ମ କରିଥିଲା ସେ ପୁଅ ଏବେ ଅପରେଶନ ହୋଇ ଝିଅ ହୋଇଗଲାଣି । ରାଜସ୍ଥାନରେ ଜଣଙ୍କ ପୁଅ ବାହାଘର ପରଦିନ ନୂଆବୋହୂ ଘରେ କଳାକନା ବୁଲେଇ ଫେରାର ହୋଇଗଲା। ପରେ ଧରା ପଡ଼ିବାରୁ ଜଣାପଡ଼ିଲା ସେ ଝିଅ ନୁହେଁ ପୁଅ । ଏମିତି ଝିଅ ବେଶରେ ଆଗରୁ ଆଉ ସାତ ଜଣଙ୍କୁ ବେଦିରେ ବାହାହେଇ ଚିତା କାଟି ଫେରାର ହୋଇଯାଇଛି । ତା' ସଙ୍ଗରେ ଆସିଥିବା କନିଆ ମାତା ପିତା ବି ଭେଜାଲ ଥିଲେ । ଅବସ୍ଥା ଏପରି ହେଲାଣି ଲୋକ ଖୁସିରେ ବାହା ବେଦିରେ ବସି ବାହା ହେବା ପରିବର୍ତ୍ତେ ଏହି ଶଙ୍କାରେ ଥିବ ପାଖରେ ବସିଥିବା ବର କିମ୍ବା କନିଆ ଭେଜାଲ ନୁହନ୍ତି ତ ! 'ବୋତଲ ଭାଙ୍ଗିବି ତୋ ଦୁଆରେ' ଗୀତ ଗାଇ ଗାଇ ମନ ଖୁସିରେ ବର ନୂଆ କନିଆକୁ ନେଇ ଘରେ ପହଞ୍ଚିଲା ପରେ ଯେତେବେଳେ ଜାଣିବ ସେ ଗୋଟେ ପୁଅ ପିଲାକୁ ବାହାହୋଇଛି ସେତେବେଳେ ତା' ସ୍ୱପ୍ନର ଯେଉଁ ଧଜିଆ ଉଡିବ ତାକୁ ଦେଖି ପୃଥିବୀର କେଉଁ ବି ଭଗବାନଙ୍କ ଆଖିରେ ଲୁହ ଅଟକିବନି । ନିକଟରେ ଆମ ଉତ୍କୃଷ୍ଟ କଳାର ରାଜ୍ୟର ଜଣେ କଳାକାର ନିଜକୁ ଅବିବାହିତ ଓ ଉଚ୍ଚପଦସ୍ଥ କର୍ମଚାରୀର ପରିଚୟ ଦେଇ ଦେଶର ବିଭିନ୍ନ ରାଜ୍ୟର ମୋଟ ବାଇଶ ଜଣ କନିଆଙ୍କୁ ବାହା ହେବାର ଏକ ଅନନ୍ୟ ରେକର୍ଡ ସୃଷ୍ଟି କରିଛନ୍ତି । ପ୍ରେମରେ ଭେଜାଲ ଥିଲା ହେଲେ ଲୋକ ବାପ ମାଆ ବର କନିଆ ସବୁକୁ ବି ଭେଜାଲ କରିସାରିଲେଣି । ହେ ପ୍ରଭୁ ଆଉ ସହିହେଉନି । ଯାହା ଜଣାପଡୁଛି ବଡ଼ଦାଣ୍ଡରେ ମୀନ ଖେଳିବା ସମୟ ପାଖେଇ ଆସିଲାଣି।

ଆମେ ଏବେ ଏକ ଅଦ୍ଭୁତ ସମୟ ଦେଇ ଗତି କରୁଛେ । କିଏ କହୁଛି ଏଇଟା କଳିକାଳ ତ କିଏ କହୁଛି ଏଇଟା କାଳେ ଅମୃତକାଳର ପ୍ରବେଶ। କିନ୍ତୁ ଦେଶରେ ଏବେ ଭେଜାଲର ସ୍ୱର୍ଣ୍ଣକାଳ ଚାଲିଛି, ଏହା ନିଶ୍ଚିତ । ଏଠି ଖାଦ୍ୟରେ ଭେଜାଲ, ସମ୍ପର୍କରେ ଭେଜାଲ, ପ୍ରେମରେ ଭେଜାଲ, ରାଜନୀତିରେ ଭେଜାଲ, ଶାସନରେ ଭେଜାଲ, ଭାଷାରେ ଭେଜାଲ, ଶିକ୍ଷାରେ ଭେଜାଲ, ପରୀକ୍ଷାରେ ଭେଜାଲ, ଚାକିରିରେ ଭେଜାଲ, ବିଷରେ ଭେଜାଲ, ବାୟୁରେ ଭେଜାଲ, ପାଣିରେ ଭେଜାଲ ଏପରି କି ଭେଜାଲ କରୁଥିବା ମଣିଷ ବି ଭେଜାଲ । ଅତ୍ର ତତ୍ର ସର୍ବତ୍ର ନକଲିର ମାୟା ଜାଲ ବିଛେଇ ହୋଇଛି । ଏତେ ସବୁ ନକଲି ଦେଖି ଦେଖି ମୋର କେବେଠୁ ଅସଲି ଉପରୁ ଭରସା ଉଠିଗଲାଣି । ଅବସ୍ଥା ଯାହା ଖାଲି ପ୍ରଭୁଙ୍କୁ ହାତଟେକି ଦେଇ ନିଜ ଭାଗ୍ୟକୁ ଆଦରି ସହିଯିବା କଥା । କାହାକୁ କେତେବେଳେ କିଏ ଚୂନ ଲଗେଇବ ଜାଣିବା ମୁସ୍କିଲ ।

ସତେ କି ଏ ଜୀବ ଦେଖିବ ଆମ ଦେଶେ ଅସଲି ସ୍ଥାନ ପାଇବ ହେ ରାଧା ଗୋବିନ୍ଦ । ଆଉ କେତେ ନାଟ ଦେଖେଇବ ହେ ମହାବାହୁ । ଏ କି ପ୍ରକାର ମାନବୀୟ ଲୀଳା ଖେଳା କରୁଛ ତୁମେ ! ଭକ୍ତ ନକଲି, ଭୋଗ ନକଲି, ଏବେ ତୁମ ଧାମ ବି ନକଲି ହେଲାଣି, ଖାଲି ତୁମେ ଯାହା ବାକି ଅଛ । କେଉଁଦିନ ତୁମକୁ ବି ନକଲି କରି ତା' ତଳେ ଲେଖିଦେବେ– 'ଏଇ ନୟନକୁ ଦେଖି ଅସଲି ଚିହ୍ନନ୍ତୁ । ଆମର କୌଣସି ବ୍ରାଞ୍ଚ ନାହିଁ। ନକଲି ପ୍ରତି ସାବଧାନ ।' ତା' ପରେ ପ୍ରଭୁ ଆପଣ ଛାତିରେ ଯେତେ ହାତ ବାଡ଼େଇ ନୀଳାଚଳ ବିହାରୀ ଚକାଆଖି ଅସଲି କହିଲେ କେହି ବିଶ୍ୱାସ କରିବେନି । ନେଡି ଗୁଡ଼ କହୁଣିକୁ ବୋହିବା ପୂର୍ବରୁ ଉଠ ଉଠ ହେ ବଡ଼ ଠାକୁର, ବାର ହାତି ଖଣ୍ଡା ନେଇ ନକଲିକୁ କର ସଂହାର ।


*–ବନମାଳୀ ଭବନ, ଖାନ୍‌ନଗର, କଟକ*
*ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ମନୋଜ କାବ୍ୟାଲୋଚନା

**ଡକ୍ଟର ରିତୁଲତା ବିଶ୍ୱାଳ, ପ୍ରକାଶକ–ତୃପ୍ତି, ଭୁବନେଶ୍ୱର–୨, ମୂଲ୍ୟ– ୧୨୦ଟଙ୍କା**

ମନୋଜ କାବ୍ୟାଲୋଚନାରେ ୪ଟି ପରିଚ୍ଛେଦ ରହିଛି। ସେଗୁଡିକ ମଧ୍ୟରେ ମନୋଜ ଏକ ପରିଚିତ, ମନୋଜ ଦାସଙ୍କ କବିତାର ବର୍ଗୀକରଣ, ମନୋଜ ଦାସଙ୍କ କବିତାର ଭାବବସ୍ତୁ ଓ ଶିଳ୍ପ–ସୌକୁମାର୍ଯ୍ୟ ଓ ଶେଷରେ ଆଧୁନିକ ଓଡ଼ିଆ କାବ୍ୟ– ସାହିତ୍ୟର ଧାରାରେ ମନୋଜ ଦାସଙ୍କ ସ୍ଥାନ ଆଦି ରହିଛି। ପ୍ରଥମ ପରିଚ୍ଛେଦରେ ମନୋଜଙ୍କ ବ୍ୟକ୍ତିଗତ ଜୀବନ ଓ ସାରସ୍ୱତ କୃତୀର ଉପସ୍ଥାପନା ରହିଛି। ଦ୍ୱିତୀୟ ପରିଚ୍ଛେଦରେ କବି ମନୋଜଙ୍କୁ ଯଥାର୍ଥ ରୂପେ ଅଧ୍ୟୟନ





କରିବାର ପ୍ରଥମ ପଦକ୍ଷେପ ରୂପେ ତାଙ୍କ କବିତାର ବର୍ଗୀକରଣ କରାଯାଇଛି। ଏଥିରେ ତାଙ୍କ ଜୀବନ, ଅଭିଜ୍ଞତା ଓ ଦୃଷ୍ଟିଭଙ୍ଗୀକୁ ନେଇ ଆଦ୍ୟ ଚେତନାର କବିତା, ପ୍ରଗତୀଚେତନାର କବିତା, ପରିଣତି ଚେତନାର କବିତା ଭାବେ ତିନିସ୍ତରରେ ବିଭକ୍ତ କରି ଆଲୋଚନା କରାଯାଇଛି। ସେହିପରି ତୃତୀୟ ପରିଚ୍ଛେଦରେ ରହିଛି ମନୋଜଙ୍କ କବିତାର ଭାବବସ୍ତୁ ବିଶ୍ଳେଷଣ ସହ ଶିଳ୍ପଗତ ବିନ୍ୟାସର ଆଲୋଚନା। ଯେଉଁଥିରେ ମାର୍କସ୍‌ବାଦୀ, ରୋମାଣ୍ଟିକ୍‌ଧର୍ମୀ ଓ ଆଧ୍ୟାତ୍ମବାଦୀ ଭାବଧାରାରେ ଲେଖିଥିବା କବିତାକୁ ଆଲୋଚନା କରାଯାଇଛି। ସେହିପରି ଚତୁର୍ଥ ବା ଶେଷ ପରିଚ୍ଛେଦରେ ମନୋଜଙ୍କ ବିବିଧ ଭାବଧାରା ସମ୍ବଳିତ କବିତା ସମକାଳୀନ ଅନ୍ୟାନ୍ୟ କବିମାନଙ୍କ କବିତାଠୁ କିଭଳି ସ୍ୱତନ୍ତ୍ର ତାହା ବର୍ଣ୍ଣିତ। ପୁସ୍ତକରେ ମନୋଜ ଦାସଙ୍କ ଜୀବନ ଓ କବିତାର ବିଭିନ୍ନ ଦିଗ ସଂକ୍ରାନ୍ତରେ ଆଲୋଚନା ରହିଛି। ତେଣୁ ଏହା ଛାତ୍ରୀଛାତ୍ର ଗବେଷିକା ଗବେଷକ ଓ ଅଧ୍ୟାପିକା ଅଧ୍ୟାପକଙ୍କ ଲାଗି ନିଶ୍ଚୟ ଉପାଦେୟ ହେବ ବୋଲି ଆଶା।

### ଅପ୍ରମିତ ସୁରେନ୍ଦ୍ର

**ଡକ୍ଟର ବାସନ୍ତୀ ମହାନ୍ତି, ପ୍ରକାଶକ– ଟାଇମ୍‌ପାସ୍**
**ନୀଳକଣ୍ଠେଶ୍ୱର ମାର୍ଗ, ବରମୁଣ୍ଡା, ଭୁବନେଶ୍ୱର–୩, ମୂଲ୍ୟ– ୧୪୫ଟଙ୍କା**

ପୁସ୍ତକରେ ନୀଳଶୈଳର ନୀଳକଇଁ–ସରଦେଇ, ସୁରେନ୍ଦ୍ରଙ୍କ ଗଳ୍ପରେ ବୌଦ୍ଧ ଉପାଦାନ, ସୁରେନ୍ଦ୍ର ସାହିତ୍ୟରେ ପୌରାଣିକ ଭାବସମ୍ପଦ, ଜଣେ ଅସଫଳ ନାଟ୍ୟକାରରୁ ସଫଳ ସଂଳାପଧର୍ମୀ କଥାକାର, ସୁରେନ୍ଦ୍ର ମହାନ୍ତିଙ୍କ ଐତିହାସିକ ଉପନ୍ୟାସରେ ନାରୀ, ଭାଷ୍ୟକାର ସୁରେନ୍ଦ୍ର, ପୁରୁଣାପୋଥି ଓ ମଧୁମାଳତୀର ମହକ: ସୁରେନ୍ଦ୍ରଙ୍କ ଶେଷଗ୍ରନ୍ଥ ଓ ସୁରେନ୍ଦ୍ର ସାହିତ୍ୟରେ ସୁରେନ୍ଦ୍ରଙ୍କ ଗାଁ ଆଦି ବିଷୟ ରହିଛି। ଡକ୍ଟର ବାସନ୍ତୀ ମହାନ୍ତି ସୁରେନ୍ଦ୍ର ସାହିତ୍ୟର ଯେଉଁ ବିଷୟଗୁଡିକୁ ଚୟନ କରିଛନ୍ତି ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସୁରେନ୍ଦ୍ର ଓଡ଼ିଆ ସାହିତ୍ୟର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଶିଳ୍ପୀ । ତାଙ୍କ ସହିତ୍ୟର ସୀମା ସରହଦ ଅମାପ । କ୍ଷୁଦ୍ରଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ, ସମାଲୋଚନା, ରମ୍ୟରଚନା, ସାହିତ୍ୟର ଇତିହାସ, ଆତ୍ମଜୀବନୀ, ଜୀବନଚରିତ ଆଦି ସବୁ ବିଷୟରେ ରହିଛି ତାଙ୍କର ଅଦମନୀୟ ଉପସ୍ଥିତି। ଆଙ୍ଗିକ ଓ ଆତ୍ମିକରେ, ଚେତନା ଓ ଦର୍ଶନରେ ନିତ୍ୟନୂତନତାର ସ୍ପର୍ଶ ଦେଇ ସେ ଓଡ଼ିଆ ସାହିତ୍ୟକୁ କରିଛନ୍ତି ସମୃଦ୍ଧ। ସୁରେନ୍ଦ୍ରଙ୍କ ବିଭିନ୍ନ ଲେଖାର ଚିତ୍ର ଓ ଚରିତ୍ରକୁ ନେଇ ଡ. ବାସନ୍ତୀ ମହାନ୍ତି ଅପ୍ରମିତ ସୁରେନ୍ଦ୍ର ପୁସ୍ତକର ଏକ ସ୍ୱତନ୍ତ୍ର ଆକଳନ କରିଛନ୍ତି । ଯାହା ସୁରେନ୍ଦ୍ର ଅନୁରାଗୀ ଓ ଓଡ଼ିଆ ଭାଷା ସାହିତ୍ୟରେ ରୁଚି ରଖୁଥିବା ପାଠକଙ୍କୁ ବାନ୍ଧି ରଖିବ ଏଥିରେ ସନ୍ଦେହ ନାହିଁ।



# ଟ୍ରେନ୍ ଭଳି ଲମ୍ବା ଏହି ୱେଡିଂ ଡ୍ରେସ୍

ସବୁ ଝିଅ ଚାହାନ୍ତି ବିବାହଦିନ ଯେମିତି ସବୁଠୁ ସୁନ୍ଦର ଦେଖାଯିବେ। ତେଣୁ ମେକ୍‌ଅପ୍‌ଠୁ ଆରମ୍ଭ କରି ବିବାହ ପୋଷାକ ପର୍ଯ୍ୟନ୍ତ ସବୁ କିଛି ପ୍ରତି ସେମାନେ ବିଶେଷ ଧ୍ୟାନ ଦିଅନ୍ତି। କେହି କେହି କିଛି ଭିନ୍ନ କରିବା ଚକ୍କରରେ କିଛି ଅଜବ ବିବାହ ପୋଷାକ ଓ ମେକ୍‌ଅପ୍ ବି ହୋଇଥାଆନ୍ତି। ଯେଉଁଥିପାଇଁ ସେମାନେ ଚର୍ଚ୍ଚାକୁ ଆସନ୍ତି। ସେହିଭଳି ଏକ ବିବାହ ପୋଷାକ ପିନ୍ଧିଥିଲେ ଫ୍ରାନ୍ସର ଜଣେ ଯୁବତୀ। ସେହି ଡ୍ରେସ୍‌ଟି ଏତେ ଲମ୍ବା ଥିଲା ଯେ, କୁହାଯାଉଛି ତାହା ମାଉଣ୍ଟ



ଏଭରେଷ୍ଟକୁ ବି ଢାଙ୍କିଦେବ। ପ୍ରାୟ ୮,୦୯୫ ମିଟର ଲମ୍ବର ଏହି ୱେଡିଂ ଡ୍ରେସ୍‌କୁ ଫ୍ରାନ୍ସର ଡାୟନାମାଇଟ ପ୍ରୋଜେକ୍ଟସ୍ ନାମକ ଏକ କନ୍‌ଷ୍ଟ୍ରକ୍ସନ କମ୍ପାନୀ ତିଆରି କରିଥିଲା। ଏହାକୁ ତିଆରି କରିବା ପାଇଁ କମ୍ପାନୀ ୧୫ଜଣ ସ୍ୱେଚ୍ଛାସେବୀଙ୍କ ସହ ମିଶି ୨ ମାସ ଲଗାତର କାମ କରିଥିଲେ। ଡ୍ରେସ୍‌କୁ ଅଲଗା ଅଲଗା ଭାଗରେ ବିଭକ୍ତ କରି ତିଆରି କରାଯିବା ପରେ ସେସବୁକୁ ଯୋଡା ଯାଇଥିଲା। ଉକ୍ତ ୱେଡିଂ ଗାଉନ୍‌ର ଟେଲ୍‌ଟି ଥିଲା ବହୁତ ଲମ୍ବା। ଉକ୍ତ ଡ୍ରେସ୍‌କୁ ଫ୍ରାନ୍ସର କାଡ୍ରୀ ସହରରେ ପ୍ରଦର୍ଶିତ କରି ଉନ୍ମୋଚନ କରାଯାଇଥିଲା। ଡ୍ରେସ୍‌ଟି ଏତେ ଲମ୍ବା ଥିଲା ଯେ, ତାହା ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ପୃଥିବୀର ସବୁଠୁ ଲମ୍ବା ୱେଡିଂ ଡ୍ରେସ୍‌ଭାବେ ସ୍ଥାନ ପାଇଲା।

# ଓରିଗାମୀ ଚଢ଼େଇ



ଘରେ ଚଢ଼େଇ ରଖିବାକୁ ଅନେକେ ପସନ୍ଦ କରନ୍ତି। ଆଉ ଚଢ଼େଇଙ୍କୁ ଭଲ ପାଉଥିବା ମଣିଷମାନେ ଏହିସବୁ ସୁନ୍ଦର ଚଢ଼େଇ ଦେଖି ନିଶ୍ଚିତଭାବେ ଖୁସି ହେଉଥିବେ। ଇଚ୍ଛା ହେଉଥିବ ସେଥିରୁ ଗୋଟିଏକୁ ଆଣି ନିଜ ଘରେ ରଖିବାକୁ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏସବୁ ବାସ୍ତବ ନୁହେଁ ବରଂ କାଗଜରେ ତିଆରି ନିର୍ଜୀବ ଚଢ଼େଇ। ଓରିଗାମୀ ବା କାଗଜରେ ତିଆରି ଏହି ଚଢ଼େଇଗୁଡ଼ିକୁ କଲମ୍ବିଆର କଳାକାର ଡାଏନା ବେଲଟ୍ରାନ୍ ହରେରା ତିଆରି କରିଛନ୍ତି। ପିଲାଟି ଦିନରୁ ତାଙ୍କର ଚଢ଼େଇ ପ୍ରତି ଥିଲା ଅହେତୁକ ଭଲ ପାଇବା। ଶେଷରେ ୯ ବର୍ଷ ତଳେ ସେ ଏହି ଭଲ ପାଇବାକୁ କାଗଜ ସ୍ଥାପତ୍ୟର ରୂପ ଦେବାକୁ ଚେଷ୍ଟା କରିଥିଲେ। ଆଉ ସେ ଏହାକୁ ବେଶ୍ ନିଖୁଣଭାବେ କରିବାରେ ସକ୍ଷମ ବି ହେଲେ। ତାଙ୍କ କାଗଜ ସ୍ଥାପତ୍ୟକୁ ଦେଖିଲେ ଲାଗେ ଏସବୁ ସତସତିକା ଚଢ଼େଇ। ଛୋଟ ଛୋଟ ରଙ୍ଗିନ କାଗଜକୁ ବେଶ୍ ସତର୍କତାର ସହ ସେ ଏଭଳି ଯୋଡ଼ନ୍ତି ଯେ, ତାହା ଏକ ଥ୍ରୀଡି ଚଢ଼େଇ ପାଲଟିଯାଏ। ଖାଲି ସେତିକି ନୁହେଁ ବିଭିନ୍ନ ପୋଜ୍‌ର ଚଢେଇ ବି ତିଆରି କରନ୍ତି। ବର୍ତ୍ତମାନସୁଦ୍ଧା ସେ ଶହଶହ କାଗଜ ଚଢ଼େଇ କରିସାରିଲେଣି।

ବ୍ୟାକ୍ ପେଜ୍



# ଠିଆ ହୋଇ ବାଇକ୍ ଚଳାଇ ରେକର୍ଡ



ଯୁବକମାନେ ସାଧାରଣତଃ ବାଇକ୍ ପ୍ରିୟ ହୋଇଥାଆନ୍ତି। କିଛି ଯୁବକ ତ ବାଇକ୍‌ରେ ଷ୍ଟଣ୍ଟ କରିବାକୁ ଭଲ ପାଆନ୍ତି। ଜୀବନକୁ ବାଜି ଲଗାଇ ଷ୍ଟଣ୍ଟ କରିବାରେ ଏମାନେ ଭିନ୍ନ ଏକ ଆନନ୍ଦ ପାଆନ୍ତି। ସେମିତି ଜଣେ ଯୁବକ ହେଉଛନ୍ତି ବାଙ୍ଗାଲୋରର ଅଭିଜିତ ସିଂ ଗ୍ରେୱାଲ। ସେ ବାଇକ୍‌ରେ ବିଭିନ୍ନ ଷ୍ଟଣ୍ଟ କରନ୍ତି। କେବଳ ଯେ ସେ ଷ୍ଟଣ୍ଟ କରନ୍ତି ତାହା ନୁହେଁ, ଏମିତି ଷ୍ଟଣ୍ଟ କରି ସେ ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ବି ସ୍ଥାନ ପାଇଛନ୍ତି। ୨୦୨୨ ଡିସେମ୍ବର ୪ ତାରିଖରେ ଅଭିଜିତ ବାଇକ୍‌ରେ ଠିଆ ହୋଇ ଲଗାତର ବାଇକ୍‌କୁ ଚଳାଇ ସର୍ବାଧିକ ୧୦୭.୯୨ କି.ମି. ଯାତ୍ରା କରିଥିଲେ। ଆଉ ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଲେ। ଅଭିଜିତ ଏଏସ୍‌ସି ଟର୍ନାଡୋସ୍ ମୋଟରସାଇକେଲ ଟିମ୍‌ର ସଦସ୍ୟ ଅଟନ୍ତି।